ODIA DAILY EDITION
25.06.2025
କଟକ, ବୁଧବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଜୁନ-୨୫, ୨୦୨୫
ବର୍ଷ-୩୬, ସଂଖ୍ୟା-୩୪୭
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com matrubhasanews@gmail.com matrubhasanews@yahoo.co.in facebook.com/matrubhasanews

## କୁଳପତି ନିଯୁକ୍ତି ମାମଲା: ଜବାବ୍ ତଲବ କଲେ ହାଇକୋର୍ଟ

**କଟକ, ୨୪।୬:** ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାୟୀ ତଥା ଭାରପ୍ରାପ୍ତ କୁଳପତି ନିଯୁକ୍ତି ସମ୍ପର୍କରେ ଜନସ୍ୱାର୍ଥ ମାମଲା ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଜବାବ୍ ତଲବ କରିଛନ୍ତି। ହାଇକୋର୍ଟ କହିଛନ୍ତି ଯେ, ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬(୧) ଅନୁସାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ଓ ଧାରା ୬ (୧୦) ଅନୁସାରେ ଭାରପ୍ରାପ୍ତ କୁଳପତି ନିଯୁକ୍ତି ପାଇଁ ଆଗତ ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି ମୁଖ୍ୟ ବିଚାରପତି ହରିଶ୍ ଟାଣ୍ଡନ ଓ ବିଚାରପତି ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଛି।

## ଚୋରା କୋଇଲା ଖଣିରେ ଏସ୍ଆଇଟିର ଛାନ୍‌ଭିନ୍

**ସୁନ୍ଦରଗଡ ୨୪।୬:** ଚୋରା କୋଇଲା ଖଣିରେ ଭିଜିଲାନ୍ସ ଟିମ୍। ସୁନ୍ଦରଗଡ଼ ହେମଗିରି ଗୋପାଳପୁର ଫରେଷ୍ଟ ରେଞ୍ଜରେ ଥିବା ବିଭିନ୍ନ ଚୋରା କୋଇଲା ଖଣିର ତଦନ୍ତ କରୁଛି ଏସଆଇଟି ଟିମ୍। ଏହି ଟିମ୍‌ରେ ଭିଜିଲାନ୍ସ ଏସ୍‌ପିଙ୍କ ସହିତ ରହିଛନ୍ତି ୭ ଜଣ ଅଧିକାରୀ। ହେମଗିରି ତହସିଲଦାର ଓ ବନ ବିଭାଗ ଅଧିକାରୀ ଏହି ଟିମ୍‌କୁ ଦେଖାଉଛନ୍ତି ଚୋରା କୋଇଲା ଖଣି। ଏହାସହ ଗୋପାଳପୁର ଅଂଚଳର ବିଭିନ୍ନ ଲୋକଙ୍କୁ ପଚରାଉଚରା କରିବା ସହ ବର୍ଷ ବର୍ଷ ଧରି ଚାଲିଥିବା ଏହି ଚୋରା କୋଇଲା କାରବାର ପଛରେ ଥିବା ମାଫିଆଙ୍କୁ ଧରିବା ପାଇଁ ତନାଘନା ଚଳାଇଛି ଏସଆଇଟି।

## ସାପ କାମୁଡ଼ାରେ ଭାଇ-ଭଉଣୀ ମୃତ

**ବଲାଙ୍ଗୀର, ୨୪।୬:** ବଲାଙ୍ଗୀର ସହର ମାଲଗୋଦାମ ପଡ଼ାରେ ଘଟିଯାଇଛି ଦୁଃଖଦ ଘଟଣା। ବିଷାକ୍ତ ସାପ କାମୁଡ଼ାରେ ଚାଲିଯାଇଛି ଭାଇ ଭଉଣୀଙ୍କ ଜୀବନ। ରାତିରେ ଶୋଇଥିବା ସମୟରେ ଅବଦୁଲ ରେହେମନଙ୍କ ସାତ ବର୍ଷର ପୁଅ ଦୁଃଖୀଶ୍ୟାମ ନାଗ ଏବଂ ଚାରି ବର୍ଷର ଝିଅ ମେହେକ ନାଗଙ୍କୁ ବିଷାକ୍ତ ସାପ କାମୁଡ଼ିଦେଇଥିଲା। ପରିବାର ଲୋକେ ସାପକୁ ଦେଖିଥିଲେ। କିନ୍ତୁ ଦୁଇ ଭାଇ ଭଉଣୀ ସାପ କାମୁଡ଼ିନାହିଁ ବୋଲି କହିଥିଲେ ପରିବାର ଲୋକଙ୍କୁ। କିନ୍ତୁ କିଛି ସମୟ ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ହସ୍ପିଟାଲ ଆଣିଥିଲେ।

| | |
|---|---|
| ସେନ୍‌ସେକ୍ସ | ୮୨,୦୫୫ |
| ନିଫ୍ଟି | ୨୫,୦୪୪ |
| ସୁନା/୧୦ଗ୍ରା | ୯୯,୯୪୦ |
| ରୁପା/କିଗ୍ରା | ୧,୦୯,୦୦୦ |
| ଡଲାର | ୮୫.୯୫ |

## ପାଣିପାଗ

| | | |
|---|---|---|
| ସର୍ବାଧିକ | ଭୁବନେଶ୍ୱର: | ୩୨.୬° |
| | କଟକ: | ୩୨.୪° |
| ସର୍ବନିମ୍ନ | ଭୁବନେଶ୍ୱର: | ୨୫.୮° |
| | କଟକ: | ୨୫.୫° |

## ହାଲ୍‌ଚାଲ୍



ସୃଷ୍ଟି ହେଲା ଘୂର୍ଣ୍ଣିବଳୟ ପାଣିପାଗ ବିଭାଗ ସତର୍କ କଲା ଅଠେଇଶି ଯାଏ ପ୍ରବଳ ବର୍ଷିବ ୟେଲୋ ୱାର୍ଣ୍ଣିଂ ହୋଇଲା ଭିଜିବ ଏଥର ରଥଯାତରା ଗୋଟିଏ ଦିନ ଆଉ ରହିଲା।

# ଅସ୍ତ୍ରବିରତିକୁ ମାନୁନାହାନ୍ତି ଇରାନ-ଇସ୍ରାଏଲ୍

### ଟ୍ରମ୍ପଙ୍କ ଯୁଦ୍ଧବିରତି ଘୋଷଣା ସତ୍ତ୍ୱେ ଇରାନ-ଇସ୍ରାଏଲ୍ ସଂଘର୍ଷ ଜାରି
### ଇରାନର ମିସାଇଲ୍ ମାଡ଼ ପରେ ସେନାକୁ ନେତାନ୍ୟାହୁଙ୍କ ଆକ୍ରମଣ ନିର୍ଦ୍ଦେଶ
### ଟ୍ରମ୍ପଙ୍କ କ୍ଷୋଭ ପ୍ରକାଶ



**ନୂଆଦିଲ୍ଲୀ, ୨୪।୬:** ୧୨ ଦିନର ଯୁଦ୍ଧ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧବିରତି ପ୍ରସ୍ତାବକୁ ସ୍ୱୀକାର କରିଛନ୍ତି ଉଭୟ ଇସ୍ରାଏଲ ଓ ଇରାନ। କିନ୍ତୁ ଏହାର ଘଣ୍ଟାଏ ମଧ୍ୟରେ ଉଭୟ ତେହେରାନ ଏବଂ ତେଲ ଅଭିଭ୍ ପରସ୍ପର ପରସ୍ପରକୁ ଆକ୍ରମଣ କରିଛନ୍ତି। ଯାହାର ଭିଡିଓ ସାମ୍ନାକୁ ଆସିଛି। ଇସ୍ରାଏଲ ଆକ୍ରମଣରେ ଇରାନର ଜଣେ ପରମାଣୁ ବୈଜ୍ଞାନିକଙ୍କ ସହ ୯ ଜଣଙ୍କ ମୃତ୍ୟୁ ହୋଇଛି। ମିସାଇଲ ମାଡ଼ରେ ଇରାନର ୧୫ଟି ଜେଟ୍ ଓ ହେଲିକପ୍ଟର ନଷ୍ଟ ହୋଇଥିବା ଇସ୍ରାଏଲ କହିଛି। ଆଉ ଇରାନର ମିସାଇଲ ମାଡ଼ରେ ଅତି କମରେ ଇସ୍ରାଏଲର ୭ ଜଣଙ୍କ ମୃତ୍ୟୁ ହୋଇଛି। ଉତ୍ତର ଇସ୍ରାଏଲର ଜନବସତି ଅଞ୍ଚଳକୁ ଟାର୍ଗେଟ କରି ମିସାଇଲ ମାଡ଼ କରିଛି ଇରାନ। ଇରାନ ଯୁଦ୍ଧବିରତି ଉଲ୍ଲଙ୍ଘନ କରି ସାଧାରଣ ଲୋକଙ୍କୁ ଟାର୍ଗେଟ କରୁଥିବା ଅଭିଯୋଗ ଆଣିଛି ଇସ୍ରାଏଲ। ଆଉ ଏଥିପାଇଁ ପୂରା ବଳପ୍ରୟୋଗ କରି ଆକ୍ରମଣ କରିବାକୁ ଇସ୍ରାଏଲ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ।

କତାରରେ ଥିବା ଆମେରିକା ଏୟାରବେସ୍ ଉପରେ ଇରାନର ମିସାଇଲ ଆକ୍ରମଣ ପରେ ଟ୍ରମ୍ପ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ରଖିଥିଲେ। ଦୁଇ ଦେଶ ମଧ୍ୟରେ ୨୪ ଘଣ୍ଟିଆ ଯୁଦ୍ଧବିରତି ପାଇଁ ଟ୍ରମ୍ପଙ୍କ ପ୍ରସ୍ତାବକୁ ଇସ୍ରାଏଲ ସ୍ୱୀକାର କରିଥିଲା। କିନ୍ତୁ ଇରାନ ପକ୍ଷରୁ ଯୁଦ୍ଧବିରତି ନେଇ କୌଣସି ସୂଚନା ମିଳିପାରିନାହିଁ। ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି 'ବର୍ତ୍ତମାନ ପର୍ଯ୍ୟନ୍ତ ଯୁଦ୍ଧବିରତି କିମ୍ବା ସେନା କାର୍ଯ୍ୟାନୁଷ୍ଠାନ ବନ୍ଦ ହେବା ଉପରେ କୌଣସି ଚୁକ୍ତି ହୋଇନାହିଁ। ଇସ୍ରାଏଲ ଆକ୍ରମଣ ଜାରି ରଖିଥିବାରୁ ଏହା ଉପରେ କୌଣସି ପ୍ରତିକ୍ରିୟା ରଖିବାକୁ ଚାହୁଁନାହିଁ।' ସେପଟେ ଇସ୍ରାଏଲ ପରୀକ୍ଷାମୂଳକ ଭାବେ ଯୁଦ୍ଧବିରତି ଘୋଷଣା କରିଛି। ଯଦି ତେହେରାନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଯୁଦ୍ଧବିରତି ଚୁକ୍ତି ପାଳନ କରେ ତେବେ ଇସ୍ରାଏଲ ଆକ୍ରମଣ କରିବ ନାହିଁ। ଇସ୍ରାଏଲ ଉପରେ ଆକ୍ରମଣକୁ ପ୍ରତ୍ୟାଖ୍ୟାନ କରିଛି ଇରାନର ରାଷ୍ଟ୍ରୀୟ ଗଣମାଧ୍ୟମ। ଏହାରି ଭିତରେ ଇହୁଦି ଦେଶ ଇସ୍ରାଏଲ ଏବଂ ମୁସଲିମ ଦେଶ ଇରାନ ଯୁଦ୍ଧବିରତି କେତେ କାର୍ଯ୍ୟକ୍ରମ ହେବ ତାକୁ ନେଇ ଦ୍ୱନ୍ଦ୍ୱ ଆରମ୍ଭ ହୋଇଛି। ତେବେ ଇସ୍ରାଏଲର ଆକ୍ରମଣକୁ ଟ୍ରମ୍ପ ନିନ୍ଦା କରିବା ସହ ଯୁଦ୍ଧବିରତି ଘୋଷଣା କରିବାକୁ ଉଭୟ ଦେଶ ଉପରେ ଚାପ ପକାଇଛନ୍ତି।

## ମହାପ୍ରଭୁଙ୍କ ମୋଦକ ଚୋରିକୁ ନେଇ କିଏ ସତ କହୁଛି ?

**ପୁରୀ/ଭୁବନେଶ୍ୱର, ୨୪।୬:** ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। ଯାହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ହଳଧର ଲେଖିଥିବା ଅଭିଯୋଗ ପତ୍ରରେ କୁହାଯାଇଛି ଯେ ଅନବସର ଏକାଦଶୀ ଦିନ ମହାପ୍ରଭୁଙ୍କ ସର୍ବାଙ୍ଗ ପରେ ଦଶମୂଳ ମୋଦକ ଲାଗି ପାଇଁ ସେବକମାନେ ଶ୍ରୀମନ୍ଦିର ଗାରଦରେ ମୋଦକ ଜିମା ଦେଇଥିଲେ। ୩୧୩ ମୂର୍ତ୍ତି ଅମୁଣିଆ ମୋଦକ ଦିଆଯାଇଥିଲା କିନ୍ତୁ ଥିଲା ୨୪୩ ମୂର୍ତ୍ତି ଅମୁଣିଆ ମୋଦକ। ୭୦ ମୂର୍ତ୍ତି ଅମୁଣିଆ ମୋଦକ ଚୋରି ହୋଇଥିବାର ଆସିଥିଲା ଅଭିଯୋଗ।

ତେବେ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଭିଯୋଗର ତଦନ୍ତ ନେଇ ସଂକେତ ଦେଇଛନ୍ତି। କିନ୍ତୁ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଆଶ୍ଚର୍ଯ୍ୟ କରିଛି ଆଇନମନ୍ତ୍ରୀଙ୍କ ପ୍ରତିକ୍ରିୟା। କାରଣ ମୋଦକ ଚୋରି ହେବା କଥାକୁ ସିଧାସିଧା ଖଣ୍ଡନ କରିଛନ୍ତି

**ବାଡ଼ଗ୍ରାହୀଙ୍କ ଅଭିଯୋଗକୁ ଆଇନମନ୍ତ୍ରୀଙ୍କ ଖଣ୍ଡନ**

**ଅଧିକ ତଦନ୍ତ ହେବ କହିଲେ ମୁଖ୍ୟ ପ୍ରଶାସକ**

ଆଇନମନ୍ତ୍ରୀ। ଏପରିକି କିଛି ଦଇତାପତି ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିବା କଥା ସେ କହିଛନ୍ତି। ତାଙ୍କ ବିରୋଧରେ ତଦନ୍ତ କରି ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ସିସିଟିଭି ଯାଞ୍ଚ କରିବାକୁ ଆହ୍ୱାନ କରିଛନ୍ତି ଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର।

## ହ୍ୱାଟ୍ସଆପରେ ସମସ୍ୟା ଶୁଣିବେ ସରକାର

**ଭୁବନେଶ୍ୱର, ୨୪।୬:** ଆନ୍ଧ୍ରପ୍ରଦେଶ ଭଳି ହ୍ୱାଟ୍ସଆପ୍ ଚାଟବଟ୍ କାର୍ଯ୍ୟକାରୀ କରିବାକୁ ଓଡ଼ିଶାରେ ଆରମ୍ଭ ହୋଇଛି ପ୍ରକ୍ରିୟା। ଏଥିରେ ଲୋକେ ଘରେ ବସି ସରକାରଙ୍କୁ ସମସ୍ୟା ଜଣାଇବେ। ଆଜି ସଚିବସ୍ତରୀୟ ବୈଠକରେ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍‌କୁ କାର୍ଯ୍ୟକାରୀ

### • ପଞ୍ଚାୟତ ଓ ବ୍ଲକ ଗସ୍ତ କରିବେ ସଚିବ

କରିବାକୁ ଆଲୋଚନା ହୋଇଛି। ଏଆଇ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଏହା ପରିଚାଳିତ ହେବ। ସ୍ୱଚ୍ଛତାର ସହ ଦ୍ରୁତ ଗତିରେ ସମସ୍ୟା ସମାଧାନ ପାଇଁ ଏଭଳି ହାଇଟେକ୍ ବ୍ୟବସ୍ଥାକୁ ଆପଣାଇବାକୁ ଯାଉଛନ୍ତି ଓଡ଼ିଶା ସରକାର। ପୂର୍ବରୁ ୭ ମାର୍ଚ୍ଚ ୨୦୨୫ରେ ମେଟା ସହ ହ୍ୱାଟ୍ସଆପ୍ ବଟ୍‌କୁ ନେଇ ଏମଓୟୁ କରିଥିଲେ ରାଜ୍ୟ ସରକାର।

ଆନ୍ଧ୍ରପ୍ରଦେଶ ଶାସନତନ୍ତ୍ରରେ ହ୍ୱାଟ୍ସଆପ୍ ଚାଟବଟକୁ ଆପଣାଇଛି। ସମସ୍ତଙ୍କ ସମସ୍ୟା ଶୁଣିବାକୁ ଜାରି ହୋଇଛି ଗୋଟିଏ ୟୁନିଫାଏଡ୍ ହ୍ୱାଟ୍ସଆପ୍ ନମ୍ବର। ଯାହା ମାଧ୍ୟମରେ



ଘରେ ବସି ଲୋକ ସରକାରଙ୍କୁ ଜଣାଉଛନ୍ତି ସମସ୍ୟା ଏବଂ ଏହାର ସମାଧାନ ମଧ୍ୟ କରୁଛନ୍ତି ସରକାର। ମୋହନ ସରକାରରେ ଆସିବ 'ଆମ ଶାସନ'। ଗାଁ ଗହଳିରୁ ଲୋକଙ୍କ ଫିଡବ୍ୟାକ୍ ନେବେ ଲୋକଙ୍କ ସରକାର। ଶାସନ ବ୍ୟବସ୍ଥାର ଉତ୍ତରଦାୟିତ୍ୱକୁ ଆହୁରି ଜନାଭିମୁଖୀ କରିବାକୁ ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ସରକାର। ସୂଚନା ଅନୁସାରେ ଖୁବଶୀଘ୍ର ଆମ ଶାସନ ୱେବସାଇଟ୍ ଆଣିବାକୁ ଯାଉଛନ୍ତି ସରକାର। ହସ୍ପିଟାଲ ଠାରୁ ଆରମ୍ଭ କରି ଥାନା, ତହସିଲ, ବ୍ଲକ ଭଳି ସରକାରୀ ଅଫିସରେ କିଭଳି ସେବା ଯୋଗାଇ ଦିଆଯାଉଛି।

## ଶ୍ରୀକ୍ଷେତ୍ର ଜଗିବେ ୨୦୦ ପ୍ଲାଟୁନ ପୋଲିସ୍

### • ୮ ଭାଗରେ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥା ବିଭକ୍ତ ହେଲା
### • ସୂଚନା ଦେଲେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ

**ପୁରୀ, ୨୪।୬:** ଦୁଇ ଦିନ ପରେ ପୁରୀ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥଗୁଡ଼ିକର ନିର୍ମାଣ କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସେବାୟତମାନେ ଦିନରାତି ଏକ କରି ରଥ ନିର୍ମାଣ କାମରେ ନିୟୋଜିତ ଅଛନ୍ତି। ଶ୍ରୀକ୍ଷେତ୍ରକୁ ଭକ୍ତମାନଙ୍କର



ସୁଅ ଛୁଟୁଛି। ହୋଟେଲ, ଲଜ୍, ମଠ ଓ ଧର୍ମଶାଳାରେ ମଧ ଧୀରେଧୀରେ ଗହଳି ବଢ଼ିବାରେ ଲାଗିଛି।

ରଥଯାତ୍ରା ପାଇଁ ପୁରୀରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୮ଟି ଭାଗରେ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥାକୁ ବିଭକ୍ତ କରାଯାଇଛି। ଟ୍ରାଫିକ୍, ମନ୍ଦିର ଇନର, ଇନର କର୍ଡନ, କ୍ରାଉଡ୍ କଣ୍ଟ୍ରୋଲ ବ୍ୟବସ୍ଥା କରାଯାଇଛି। ନୂଆ କରି ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି।

ଡିଜିପି କହିଛନ୍ତି, ଶ୍ରୀକ୍ଷେତ୍ର ମୋଟ୍ ୨୭୫ଟି ସିସିଟିଭି ନଜରରେ ରହିବ। ଭୁବନେଶ୍ୱର ଉପକଣ୍ଠ ଉତ୍ତରା ଠାରୁ ପୁରୀ ଏବଂ ପୁରୀ ଠାରୁ କୋଣାର୍କ ପର୍ଯ୍ୟନ୍ତ ସିସିଟିଭି ଖଞ୍ଜା ଯାଉଛି। ଲାଇଭ୍ ଫିଡ୍ ଦେଖି ସବୁ କିଛି କଣ୍ଟ୍ରୋଲ ରୁମ୍‌ରୁ କଣ୍ଟ୍ରୋଲ ହେବ। ଟ୍ରାଫିକ୍ ପାଇଁ ସ୍ୱତନ୍ତ୍ର ପ୍ଲାନ୍ ଓ ଆଣ୍ଟି ଡ୍ରୋନ୍ ବି କାମ କରିବ। ପ୍ରାୟ ୨ ଶହ ପ୍ଲାଟୁନ ଫୋର୍ସ ସୁରକ୍ଷା ଦାୟିତ୍ୱରେ ରହିବେ। ଆକାଶ ମାର୍ଗରୁ ଏରିୟଲ ସର୍ଭେ କରାଯିବ, ତୀକ୍ଷ୍ଣ ନଜର ରଖାଯିବ। ଉପକୂଳରେ ତଟରକ୍ଷୀ, ମେରାଇନ ପୁଲିସ ପାଟ୍ରୋଲିଂ କରିବେ। ମୋଟ ୧୦ ହଜାର ପୁଲିସ ଫୋର୍ସ ଶ୍ରୀକ୍ଷେତ୍ର ସୁରକ୍ଷାରେ ରହିବେ।

### ■ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍‌ରେ ଡକାୟତି
## ବନ୍ଧୁକ ଦେଖାଇ ଲକ୍ଷାଧିକ ଲୁଟ୍

**ବାରିପଦା ୨୪।୬:** ବନ୍ଧୁକ ମୁନରେ ଲୁଟ୍। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ। ବନ୍ଧୁକ ଦେଖାଇ କ୍ୟାସ୍ କାଉଣ୍ଟରରୁ ନେଇଗଲେ ଲକ୍ଷାଧିକ ଟଙ୍କା। ମୟୂରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କୁଚେଇ ଶାଖାରୁ ଲୁଟ୍ ହୋଇଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଦିନ ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କୁଚେଇ ଶାଖାରେ ହଠାତ୍ ୬ ଜଣ ଦୁର୍ବୃତ୍ତ ପଶିଥିଲେ। ବ୍ୟାଙ୍କରେ ପଶି କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ କ୍ୟାସ୍ କାଉଣ୍ଟରରୁ ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ୍ତ। ବ୍ୟାଙ୍କରୁ ପ୍ରାୟ ୮ରୁ ୯ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ସନ୍ଦେହ କରାଯାଉଛି।

## ଆଉଟସୋର୍ସିଂ ସଂସ୍ଥାକୁ ହଟାଇବାକୁ ଯୋଜନା

**ଭୁବନେଶ୍ୱର, ୨୪।୬:** ବାହାର ଠିକାଦାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଟାର୍ଗେଟ୍। ୧୦ ବର୍ଷର ଫାଇଲ୍ ଖୋଜି ଇଞ୍ଜିନିୟରିଂ କାମ କରୁଥିବା ଆଉଟସୋର୍ସିଂ ସଂସ୍ଥାକୁ ଠାବ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ରିପୋର୍ଟ ମାଗିଛନ୍ତି ମୁଖ୍ୟମନ୍ତ୍ରୀ। ସରକାରଙ୍କ ନିଜସ୍ୱ ଇଞ୍ଜିନିୟରିଂ ବିଭାଗ ଏବଂ ଦକ୍ଷ ଇଞ୍ଜିନିୟର ଥାଉଥାଉ କାହିଁକି ଆଉଟସୋର୍ସିଂ ସଂସ୍ଥାକୁ କାମ ଦିଆଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ

**ବାହାର ଠିକାଦାରଙ୍କୁ 'ମୋହନ' ଛାଟ**

ସ୍ପଷ୍ଟ ଭାବେ ଲେଖିଛନ୍ତି ଯେ, ଆମର ଯାନ୍ତ୍ରିକ ବିଭାଗ ଗୁଡ଼ିକରେ ସର୍ଭେ, ଅନୁସନ୍ଧାନ, ଡିଜାଇନ, ଏଷ୍ଟିମେଟ୍ ଆଦି ପ୍ରାରମ୍ଭିକ କାର୍ଯ୍ୟଗୁଡ଼ିକ ପାଇଁ ସ୍ୱତନ୍ତ୍ର ଉପବିଭାଗ ଅଛି। କିଛି ବର୍ଷ ପୂର୍ବରୁ ସରକାରୀ ଯନ୍ତ୍ରୀମାନେ ଏ ସମସ୍ତ କାମ ତୁଲାଉଥିଲେ। ଏବେ କାହିଁକି ଆଉଟ୍‌ସୋର୍ସିଂ ମାଧ୍ୟମର ଅଭ୍ୟୁଦୟ ହେଲା ବୋଲି ପ୍ରଶ୍ନ କରିଛନ୍ତି ମୁଖ୍ୟମନ୍ତ୍ରୀ। ବିଗତ ୧୦ ବର୍ଷ ଭିତରେ କେଉଁ ବିଭାଗକୁ, କେଉଁ ବେସରକାରୀ ସଂସ୍ଥାଗୁଡ଼ିକୁ ଆଉଟ୍‌ସୋର୍ସିଂ ମାଧ୍ୟମରେ କେଉଁ ପ୍ରକାର କାମ ଦିଆଯାଇଛି ତା'ର ତଥ୍ୟ ମାଗିଛନ୍ତି ମୁଖ୍ୟମନ୍ତ୍ରୀ।

## ଆଠଗଡ଼ ବ୍ଲକ୍ ସମ୍ମୁଖରେ ବିଜେଡି ଓ ବିଜେପି କର୍ମୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ

**ଆଠଗଡ଼ ୨୪।୬:** ଆଠଗଡ଼ ବ୍ଲକ୍ ସମ୍ମୁଖରେ ବିଜେଡି-ବିଜେପି ଖଣ୍ଡଯୁଦ୍ଧ। ଘଟଣାସ୍ଥଳରେ ୧୬୩ ଧାରା ଜାରି ହୋଇଛି। ପୋଲିସ ପକ୍ଷରୁ ଲାଠି ଚାଳନା। ଶତାଧିକ ଗିରଫ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଆଠଗଡ଼ ପଞ୍ଚାୟତ ସମିତି ବୈଠକ ହେବାକୁ ଥିବାବେଳେ ପଞ୍ଚାୟତ ସମିତିର କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ପକ୍ଷରୁ ଅଣ୍ଡା ମାଡ଼ ଏବଂ ଢେଲାପଥର ମାଡ଼ ହେବା ପରେ କାର୍ଯ୍ୟାଳୟ ସମ୍ମୁଖରେ ରଣକ୍ଷେତ୍ର ପାଲଟି ଯାଇଥିଲା।

### 'ପରଖ-୨୦୨୪' ରିପୋର୍ଟ ପ୍ରକାଶ
## ଜାତୀୟ ହାରଠୁ ଉର୍ଦ୍ଧ୍ୱରେ ଓଡ଼ିଶା ଛାତ୍ରଛାତ୍ରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୬:** ଏନସିଇଆରଟି ପକ୍ଷରୁ କରାଯାଇଥିବା ଦକ୍ଷତା ପରୀକ୍ଷାରେ ଓଡ଼ିଶାର ଛାତ୍ରଛାତ୍ରୀ ଆଗରେ। 'ପରଫରମାନ୍ସ ଆସେସମେଣ୍ଟ ରିଭ୍ୟୁ ଆଣ୍ଡ୍ ଆନାଲିସିସ୍ ଅଫ୍ ନଲେଜ ଫର୍ ହୋଲିଷ୍ଟିକ୍ ଡେଭେଲପମେଣ୍ଟ' ବା 'ପରଖ-୨୦୨୪' ରିପୋର୍ଟ ପ୍ରକାଶ ପାଇଛି। ସମସ୍ତ ରାଜ୍ୟର ତୃତୀୟ, ଷଷ୍ଠ ଏବଂ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ କରାଯାଇଛି ଏହି ସର୍ଭେ। ଯେଉଁଥିରେ ଓଡ଼ିଶା ଜାତୀୟ ହାରଠାରୁ ଆଗରେ ରହିଛି।

୩ ହଜାର ୩୪୨ ସ୍କୁଲର ୯୬ ହଜାର ୫୪ ବିଦ୍ୟାର୍ଥୀଙ୍କ ଦକ୍ଷତା ପରୀକ୍ଷା ହୋଇଥିଲା। ସରକାରୀ, ବେସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ କେନ୍ଦ୍ରୀୟ ବିଦ୍ୟାଳୟ ପିଲା ଏଥିରେ ସାମିଲ ହୋଇଥିଲେ। ତୃତୀୟ ଶ୍ରେଣୀ ପିଲାଙ୍କ ଭାଷା



ଓ ଗଣିତ ପରୀକ୍ଷା ହୋଇଥିଲା। ଷଷ୍ଠ ଶ୍ରେଣୀ ପିଲାଙ୍କ ଭାଷା, ଗଣିତ ଓ କରେଣ୍ଟ ଆଫେୟାର୍ସ ପରୀକ୍ଷା ହୋଇଥିଲା। ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଭାଷା, ଗଣିତ, ବିଜ୍ଞାନ ଓ ସମାଜିକ ବିଜ୍ଞାନ ପରୀକ୍ଷା ହୋଇଥିଲା। ଏନସିଆରଟି ଏବଂ ଏସସିଇଆର୍ଟି ସହାୟତାରେ ହୋଇଥିବା ଏହି ସର୍ଭେରେ ଓଡ଼ିଶା ମୋଟାମୋଟି ଭାବେ ଭଲ ପ୍ରଦର୍ଶନ କରିଛି।

ରିପୋର୍ଟ ଅନୁସାରେ ସମଗ୍ର ରାଜ୍ୟରେ ଛାତ୍ରମାନେ ଛାତ୍ରୀଙ୍କଠାରୁ ସାମାନ୍ୟ ଆଗୁଆ ରହିଛନ୍ତି। କିନ୍ତୁ ସହରାଞ୍ଚଳ ପିଲାଙ୍କୁ ବହୁ ପଛରେ ପକାଇଛନ୍ତି ଗ୍ରାମାଞ୍ଚଳ ଛାତ୍ରଛାତ୍ରୀ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ୨୪% ଛାତ୍ରଛାତ୍ରୀ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ରହିଛନ୍ତି। କଳାହାଣ୍ଡି ଓ ଅନୁଗୁଳ ଜିଲାରେ ସର୍ବାଧିକ ପିଲାଙ୍କ ପ୍ରଦର୍ଶନ ଉତ୍ତମ ରହିଛି। ସବୁଠୁ ତଳେ ରହିଛନ୍ତି ଗଜପତି ଏବଂ ମାଲକାନଗିରି ଜିଲ୍ଲା। ୧୭ ଜିଲ୍ଲାରେ ପୁଅଙ୍କଠାରୁ ଆଗୁଆ ଅଛନ୍ତି ଝିଅ। ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ ପରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ବିକାଶ କରିବାକୁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶରେ ଅଗ୍ରଗତି ହୋଇଥିବା ଏହି ରିପୋର୍ଟରୁ ଜଣାପଡୁଛି।

## ହୀରାକୁଦ ସୁରକ୍ଷା ପାଇଁ ନିର୍ମାଣ ହେବ ୫ ସ୍ପିଲୱେ

**ଭୁବନେଶ୍ୱର, ୨୪।୬:** ଦୁର୍ବଳ ହୀରାକୁଦକୁ ବିପଦ ବଢୁଛି। କିନ୍ତୁ ଡ୍ୟାମ୍‌ର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଏବେ ସ୍ପିଲ୍‌ୱେ ନିର୍ମାଣ ପାଇଁ ପ୍ରସ୍ତୁତିପର୍ବ ଶେଷ କରିଛନ୍ତି ସରକାର। ଏହା କେବଳ ହୀରାକୁଦର ଆୟୁଷ ବଢ଼ାଇବନି ବରଂ ଜଳଧାରଣ କ୍ଷମତାକୁ ପୂର୍ବାବସ୍ଥାକୁ ଫେରାଇ ଆଣିବ।

ଦୁର୍ବଳ ହେଉଛି ହୀରାକୁଦ। କମିଲାଣି ଜଳଧାରଣ କ୍ଷମତା। ବୟସ ବଢ଼ିବା ସହ ହୀରାକୁଦ ବନ୍ଧର ସ୍ଥାୟିତ୍ୱକୁ ନେଇ ଆଶଙ୍କା ଦେଖାଦେଲାଣି। ବିଶେଷଜ୍ଞଙ୍କମାନେ ହୀରାକୁଦକୁ ନେଇ ଅନେକଥର ସତର୍କ କରାଇଲେଣି। ଆଉ ଏବେ ଓଡ଼ିଶାର ଲାଇଫଲାଇନ କୁହାଯାଉଥିବା ହୀରାକୁଦର ସୁରକ୍ଷା ପାଇଁ ଏବେ ଅଣ୍ଟା ଭିଡ଼ିଛନ୍ତି ସରକାର। ହୀରାକୁଦ ଡ୍ୟାମ୍‌ରେ ଅତିରିକ୍ତ ୫ଟି ସ୍ପିଲୱେ କରିବାକୁ ନିଷ୍ପତ୍ତି ହୋଇଛି। ଜଳ ସମ୍ପଦ ବିଭାଗର ଅଧିକାରୀ ମହାନଦୀ ବେସିନ ଓ ସେଚ ସଦନକୁ ଚିଠି ଲେଖିଛନ୍ତି। ଖୁବଶୀଘ୍ର ସେଣ୍ଟ୍ରାଲ ପ୍ରୋଜେକ୍ଟ ମ୍ୟାନେଜ ୟୁନିଟ୍ (ସିପିଏମଓୟୁ) ସହ ବୈଷୟିକ ପରାମର୍ଶ ଲାଗି ବୁଝାମଣା ସ୍ୱାକ୍ଷର ହେବ।



ହୀରାକୁଦର ବାମପାର୍ଶ୍ୱରେ ସ୍ପିଲୱେ ନିର୍ମାଣ ହେବ। ପୂର୍ବରୁ ଏକ ଉଚ୍ଚସ୍ତରୀୟ ଟିମ ହୀରାକୁଦର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସ୍ପିଲୱେ ନିର୍ମାଣ ପାଇଁ ୮୮୪ କୋଟି ଟଙ୍କା ଖର୍ଚ୍ଚ ହେବ। ହୀରାକୁଦର ଭୂତଳ ଜଳସ୍ତର ବୃଦ୍ଧି ପାଇଁ ମଧ୍ୟ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। କୌଣସି ସମ୍ଭାବ୍ୟ ଅଘଟଣକୁ ଏଡାଇବା ଲାଗି ଡ୍ୟାମରେ ଥିବା ଆଂଶିକ ଫାଟକୁ ମରାମତି କରିବାକୁ ମଧ ନିଷ୍ପତ୍ତି ହୋଇଛି। ବର୍ଷ ବଢ଼ିବା ସହ ହୀରାକୁଦ ବନ୍ଧ ପାଇଁ ବିପଦ ବଢୁଛି। କିନ୍ତୁ ଏବେଠାରୁ ବିଶ୍ୱର ଏହି ଲମ୍ବା ବନ୍ଧକୁ ସୁରକ୍ଷିତ କରାନଗଲେ ଆଗକୁ ସ୍ଥିତି ଆହୁରି ଉତ୍କଟ ହେବ। ଜଳ ସଙ୍କଟ, ବିଦ୍ୟୁତ ସଙ୍କଟ ଭଳି ସାଂଘାତିକ ସ୍ଥିତିର ସାମ୍ନା କରିବ ଓଡ଼ିଶା।

## ବାରିପଦାରେ ଗୋଷ୍ଠୀ ସଂଘର୍ଷ

### ■ ବୁଲିଲା ଖଣ୍ଡା, ଫୁଟିଲା ଗୁଳି
### ■ ୨ ମହିଳାଙ୍କ ସହ ୩ ଗୁରୁତର

**ବାରିପଦା, ୨୪।୬:** ଗୋଷ୍ଠୀ ସଂଘର୍ଷକୁ ନେଇ ଗୁଳିମାଡ଼ ଓ ଛୁରାମାଡ଼ ହୋଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ସୂଚନା। ମୟୂରଭଂଜ ଜିଲ୍ଲା ବାରିପଦା ଟାଉନ ଥାନା ଅଧୀନ କାଳିକାପୁର ଅଞ୍ଚଳରେ ଏହି ହିଂସା ଦେଖିବାକୁ ମିଳିଛି।

ପୂର୍ବ ଶତ୍ରୁତାକୁ ନେଇ ଟାଉନ୍ ଥାନା କାଳିକାପୁର ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷ ଆଜି ଉଗ୍ରରୂପ ନେଇଥିଲା। ଆକ୍ରମଣରେ ଗୁଳୁମାଡ଼ ଏବଂ ଛୁରାମାଡ଼ରେ ୨ ଜଣ ମହିଳାଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି।

ସୂଚନା ଅନୁସାରେ ପୂର୍ବ ଶତ୍ରୁତାକୁ ନେଇ ଟାଉନ୍ ଥାନା କାଳିକାପୁର ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷ ଆଜି ଉଗ୍ରରୂପ ନେଇଥିଲା। ଆକ୍ରମଣରେ ଗୁଳୁମାଡ଼ ଏବଂ ଛୁରାମାଡ଼ରେ ୨ ଜଣ ମହିଳାଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଜଣଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତରିତ କରାଯାଇଛି।

## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ ୨୮ ଯାଏ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୨୪।୬:** ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଛି ଯେ, ୨୪ ଜୁନ୍‌ରୁ ୨୮ ଜୁନ୍ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ବଜ୍ରପାତ ସହିତ ଝଡ଼ବର୍ଷାର ସମ୍ଭାବନା ରହିଛି। ପଶ୍ଚିମକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି ଏବଂ ଏହା ଦକ୍ଷିଣ ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି।

ଦକ୍ଷିଣ ଉତ୍ତରପ୍ରଦେଶର ମଧ୍ୟଭାଗରେ ଏହି ଘୂର୍ଣ୍ଣିବଳୟରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଦେଇ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ, ଝାଡଖଣ୍ଡ ଏବଂ ଉତ୍ତର ଓଡ଼ିଶା ଦେଇ ସମୁଦ୍ର ପତ୍ତନଠାରୁ ୧.୫ କିଲୋମିଟର ପର୍ଯ୍ୟନ୍ତ ବିସ୍ତୃତ ଟ୍ରଫ୍ ଜାରି ରହିଛି।

**ସତର୍କ କଲା ପାଣିପାଗ ବିଭାଗ**



ଏହାର ପ୍ରଭାବରେ ଜୁନ୍ ୨୫ରେ ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ରାୟଗଡ଼ା, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ ଏବଂ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବଜ୍ରପାତ ସହିତ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। କୋରାପୁଟ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ ଗଞ୍ଜାମରେ ବଜ୍ରପାତ ସହିତ ବର୍ଷା ହେବା ସହ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି।

୨୭ରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିଭଳି ୨୮ରେ ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ରାୟଗଡ଼ା ଏବଂ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ହ୍ୟାଲୋ ବଲିଉଡ୍



# କଲର ଟ୍ୟୁନ୍ ଭଏସ୍ ନେଇ ଅମିତାଭଙ୍କ ଉପରେ ତାତିଲେ ଫ୍ୟାନ୍

କଲ୍ କରିବା ମାତ୍ରେ ଶୁଭୁଛି ସାଇବର ଅପରାଧ ସଚେତନତା କଲର ଟ୍ୟୁନ୍। ଯାହାକୁ ନେଇ ୟୁଜରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏହି ବ୍ୟବସ୍ଥାକୁ ନେଇ ବିଭିନ୍ନ ମିମ୍ସ ମାଧ୍ୟମରେ ସରକାରଙ୍କୁ ଟ୍ରୋଲ୍ ମଧ୍ୟ କରାଗଲାଣି। ଏହି କଲର ଟ୍ୟୁନ୍ ବଲିଉଡ୍ ମେଗା ଷ୍ଟାର ଅମିତାଭ ବଚ୍ଚନଙ୍କ ସ୍ୱରରେ ଶୁଭୁଥିବାରୁ ଲୋକଙ୍କ ରାଗ ଏବେ ଅମିତାଭଙ୍କ ଉପରେ ଆସିଛି। ୟୁଜରମାନେ ତାଙ୍କୁ ସୋସିଆଲ୍ ମିଡିଆରେ ନାନା କଥା କହିଛନ୍ତି। କିଏ କହୁଛି ବୟସ କାରଣରୁ ବୁଢ଼ା ବାୟା ହେଲାଣି ତ ଆଉ କିଏ କହୁଛି ଫୋନ୍ ?ରେ କହିବା ବନ୍ଦ କର ଭାଇ। ୟୁଜରଙ୍କ ଏଭଳି ବିରୋଧ ପରେ ଶେଷରେ ଉତ୍ତର ରଖିଛନ୍ତି ଅମିତାଭ ବଚ୍ଚନ। ୟୁଜରଙ୍କ କଥାରେ ବିରକ୍ତି ପ୍ରକାଶ ନ କରି ସେ ଭଲ ମଜାଦାର ଉତ୍ତର ଦେଇଛନ୍ତି। ମୋତେ କହିବା ବଦଳରେ ସରକାରଙ୍କୁ କୁହ ଭାଇ ବୋଲି ଲେଖିଛନ୍ତି ଅମିତାଭ। ଜଣେ ୟୁଜର ପ୍ରତିକ୍ରିୟା ଦେଇ ଅମିତାଭ ଲେଖିଛନ୍ତି " ଆଜ୍ଞା ହଜୁର, ମୁଁ ବି ଏକ ପ୍ରଂଶସକ। ତ ?" ପୋଷ୍ଟରେ ଉତ୍ତର ଦେଇ ଜଣେ ୟୁଜର ଲେଖିଛନ୍ତି "ତ ଫୋନ୍ ?ରେ କହିବା ବନ୍ଦ କର ଭାଇ"। ଅମିତାଭ ଏହାର ରିପ୍ଲାଏ ଦେଇ ଲେଖିଛନ୍ତି " ସରକାରଙ୍କୁ କୁହ ଭାଇ। ସିଏ ଯାହା କହିଲେ ମୁଁ କରିଦେଲି।" ସେହିପରି ଅନ୍ୟ ଜଣେ ବ୍ୟକ୍ତି ଅମିତାଭଙ୍କୁ ବୁଢ୍ଢା ଷଠିଆ ଗୟା ହେ ବୋଲି ଲେଖିଛନ୍ତି(ବୁଢ଼ା ବାଉଳା ହେଲାଣି)। ଏହାର ଜବାବ ଦେଇ ଅମିତାଭ ଲେଖିଛନ୍ତି "ଦିନେ ଭଗବାନ ନ କରନ୍ତୁ ଯେ ସେ ଦିନ ଖୁବ୍ ?ଶୀଘ୍ର ଚାଲି ଆସୁ, ଯେବେ ଆପଣ ବି ବାଉଳା ହୋଇଯିବ। ପରନ୍ତୁ ଆମର ଏଠି ଗୋଟେ ଛଟା ଅଛି ଜୋ ଷାଠା ଓ ପାଠା"

# କିବ୍ ଅଞ୍ଚଳରେ ରୁଷ୍‌ର ଜୋର୍‌ଦାର ଆକ୍ରମଣ

- ୮ ଜଣଙ୍କ ମୃତ୍ୟୁ
- ୧୦ରୁ ଉର୍ଦ୍ଧ୍ୱ ଆହତ

**କିବ୍:** କିବ୍ ଓ ଏହାର ଆଖପାଖ ଅଞ୍ଚଳରେ ରୁଷୀୟ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ରେ ଗତ ରାତିରେ ୮ ଜଣଙ୍କ ମୃତ୍ୟୁ ହେବା ସହ ବହୁ ? ଲୋକ ଆହତ ହୋଇଛନ୍ତି। ରୁଷ୍ ଆକ୍ରମଣରେ ଆବାସିକ ଅଞ୍ଚଳରେ ନିଆଁ ଲାଗିଯିବାରୁ ରାତି ଆକାଶ ଆଲୋକିତ ହୋଇ ଉଠିଥିଲା। ମେଟ୍ରୋ ଷ୍ଟେସନ୍ ବୋମା ଆଶ୍ରୟସ୍ଥଳର ପ୍ରବେଶପଥ ମଧ୍ୟ ନଷ୍ଟ ହୋଇ ଯାଇଥିଲା ବୋଲି ୟୁକ୍ରେନ୍ ଅଧିକାରୀମାନେ ସୋମବାର କହିଛନ୍ତି।

ଆମେରିକା ଦୂତାବାସଠାରୁ ମାତ୍ର ଏକ କିଲୋମିଟର ଦୂର କିବ୍‌ର ବ୍ୟସ୍ତବହୁଳ ଶେଭଚେନକିଭସ୍କି ଜିଲ୍ଲାର ଏକ



ଆପାର୍ଟମେଣ୍ଟ ବ୍ଲକ୍‌ର ଭଗ୍ନାବଶେଷରୁ ଉଦ୍ଧାରକାରୀମାନେ ମୃତଦେହଗୁଡ଼ିକ ବାହାର କରିଥିଲେ। ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜିଲ୍ଲାରେ ଅତି କମ୍‌ରେ ୭ ଜଣଙ୍କର ମୃତ୍ୟୁ ଘଟିଛି। କିବ୍‌ର ସହର ଉପକଣ୍ଠ ଅଞ୍ଚଳରେ ଜଣେ ୬୮ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟୂନ ୮ ଜଣ ଆହତ ହୋଇଛନ୍ତି। ଜରୁରିକାଳୀନ ସେବା କହିଛି ଯେ କିବ୍ ଉପରେ ହୋଇଥିବା ଆକ୍ରମଣରେ ୪ ଜଣ ଶିଶୁଙ୍କ ସମେତ ଅତି କମ୍‌ରେ ୩୪ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ବାୟୁସେନା କହିଛି ଯେ ୟୁକ୍ରେନ୍‌ର ୪ଟି ଅଞ୍ଚଳରେ ହୋଇଥିବା ଆକ୍ରମଣରେ ରୁଷିଆ ଦ୍ୱାରା ପ୍ରକ୍ଷେପିତ ୩୫୨ଟି ଡ୍ରୋନ୍ ମଧ୍ୟରୁ ୩୩୯ଟି ଓ ୧୬ଟି କ୍ଷେପଣାସ୍ତ୍ର ମଧ୍ୟରୁ ୧୫ଟିକୁ ଖସାଇ ଦିଆଯାଇଛି।

ଯୁଦ୍ଧର ଅନ୍ତ ଘଟାଇବା ପାଇଁ ହୋଇଥିବା ଆଲୋଚନାରେ କିଛି ସୁଫଳ ମିଳି ନ ଥିବାରୁ ମସ୍କୋ ନିକଟ ସପ୍ତାହରେ କିବ୍ ଓ ୟୁକ୍ରେନ୍‌ର ଅନ୍ୟାନ୍ୟ ସହର ଉପରେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣକୁ ଜୋରଦାର କରିଛି। ଆଭ୍ୟନ୍ତରୀଣ ମନ୍ତ୍ରୀ ଇହୋର କ୍ଲିମେନକୋ କହିଛନ୍ତି ଯେ ରାତିରେ ହୋଇଥିବା ଆକ୍ରମଣରେ ସହରର ୧୦ଟି ଜିଲ୍ଲା ମଧ୍ୟରୁ ୬ଟି ଜିଲ୍ଲାରେ କ୍ଷୟକ୍ଷତି ହୋଇଥିବା ବେଳେ ବହୁଲୋକ ଏବେ ବି କୋଠା ତଳେ ଚାପି ହୋଇ ରହିଥାଇପାରନ୍ତି। ଗତ ସପ୍ତାହରେ ରୁଷ୍ କିବ୍ ଉପରେ ସବୁଠାରୁ ଭୟଙ୍କର ଆକ୍ରମଣ କରିଥିଲା, ଯେତେବେଳେ ଶହ ଶହ ଡ୍ରୋନ୍‌ରେ ୨୮ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୫୦ରୁ ଅଧିକ ଲୋକ ଆହତ ହୋଇଥିଲେ।

# ୨୫ରେ ଲଞ୍ଚ ହେବ ଆକ୍ସିଅମ୍-୪ ମିସନ୍



**ମୁମ୍ବାଇ:** ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା ଏବେ ଜୁନ୍ ୨୫ ତାରିଖରେ ଆରମ୍ଭ ହେବ। ଏନେଇ ନାସା ମଙ୍ଗଳବାର ଏହି ସୂଚନା ଦେଇଛି। ଏହି ମିଶନ ବୁଧବାର ଦିନ ୧୨:୦୧ ସମୟରେ ଫ୍ଲୋରିଡାର ନାସାର କେନେଡି ସ୍ପେସ୍ ସେଣ୍ଟରରୁ ସ୍ପେସ୍‌ଏକ୍ସର ଫାଲକନ୍ ୯ ରକେଟ୍‌ରେ ଉତକ୍ଷେପଣ କରାଯିବ। ଶୁଭାଂଶୁ ଶୁକ୍ଲା ଏହି ମିଶନରେ ପାଇଲଟ୍ ଭୂମିକାରେ ଅଛନ୍ତି।

ଆକ୍ସିଅମ୍-୪ ମିଶନ୍ ଭାରତ ସହିତ ହଙ୍ଗେରୀ ଏବଂ ପୋଲାଣ୍ଡ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହେବାକୁ ଯାଉଛି। ଏହାକୁ ଏହି ଦେଶ ଗୁଡ଼ିକର ମହାକାଶକୁ ଫେରିବାର ପ୍ରତୀକ ଭାବରେ ମଧ୍ୟ ବିବେଚନା କରାଯାଉଛି। ନାସାର ବିବୃତ୍ତି ଅନୁଯାୟୀ, ନାସା ଆକ୍ସିଅମ୍ ସ୍ପେସ୍ ଏବଂ ସ୍ପେସ୍‌ଏକ୍ସ ସେମାନଙ୍କର ଚତୁର୍ଥ ଘରୋଇ ମହାକାଶଚାରୀ ମିଶନ୍ ଆନ୍ତଃରାଷ୍ଟ୍ରୀୟ ମହାକାଶ ଷ୍ଟେସନକୁ ଉତକ୍ଷେପଣ କରିବାକୁ ଯାଉଛନ୍ତି।

ପ୍ରକୃତରେ ଆକ୍ସିଅମ୍ ମିଶନ୍ ୪ ମହାକାଶ ଯାତ୍ରା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ। ଏହା ଭାରତ ପାଇଁ ଗର୍ବର ବିଷୟ ଯେ ଶୁଭାଂଶୁ ଶୁକ୍ଲା ଏହି ମିଶନରେ ପାଇଲଟ୍ ଭୂମିକାରେ ଅଛନ୍ତି। ଆକ୍ସିଅମ୍-୪ ବାଣିଜ୍ୟିକ ମିଶନ୍ କମାଣ୍ଡର ପେଗି ହ୍ୱିଟସନ୍‌ଙ୍କ ନେତୃତ୍ୱରେ ଚାଲିଛି। ମିଶନର ବିଶେଷଜ୍ଞ ଦଳରେ ହଙ୍ଗେରୀର ଟିବୋର କାପୁ ଏବଂ ପୋଲାଣ୍ଡର ସ୍ଲାଭୋଜ ଉଜନାନ୍ସ୍କି-ଓ୍ୱିସନିଓ୍ୱସ୍କି ଅଛନ୍ତି। ଏହି ମିଶନ ବିଜ୍ଞାନ ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ମିଶନ ଫ୍ଲୋରିଡାର ନାସାର କେନେଡି ସ୍ପେସ୍ ସେଣ୍ଟରରେ ଲଞ୍ଚ କମ୍ପ୍ଲେକ୍ସ ୩୯ଇ ରୁ ଉତକ୍ଷେପଣ କରାଯିବ।

## ବ୍ରହ୍ମପୁରରେ ପୁଣି ନାବାଳିକାଙ୍କୁ ଦୁଷ୍କର୍ମ, ନକଲି ଡାକ୍ତର ଗିରଫ

**ବ୍ରହ୍ମପୁର, ୨୪।୬:** ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଦୁଷ୍କର୍ମ ଘଟଣାକୁ ନେଇ ହଟଚମଟ ଲାଗିରହିଥିବାବେଳେ ପୁଣି ବ୍ରହ୍ମପୁରରୁ ଆସିଛି ଆଉ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ। ନାବାଳିକା ଜଣକ ବ୍ରହ୍ମପୁର ବୈ ?ଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ଜୈନେକ ଅଙ୍ଗନବାଡ଼ି କର୍ମୀଙ୍କ ମାଧ୍ୟମରେ ବାଜପେୟୀ ଆରୋଗ୍ୟଧାମର ମାଲିକ ଭବାନୀଙ୍କ ସଂସ୍ପର୍ଶରେ ପୀଡ଼ିତାଙ୍କ ମାଆ। ଏହାର ଫାଇଦା ନେଇ ଭବାନୀ ରଚିଥିଲେ ଷଡ଼ଯନ୍ତ୍ର। ଝିଅକୁ ପାଖରେ ରଖି ବିଏସସି ନର୍ସିଂ ପାଠପଢ଼ା ବିନା ଖର୍ଚ୍ଚରେ କରାଇଦେବାକୁ କହି ପରିବାରବର୍ଗଙ୍କ ବିଶ୍ୱାସ ଭାଜନ ହୋଇଥିଲେ।

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

# ଚିହ୍ନଟ ହେଲେ ୨୫୯ ମୃତକ, ୨୫୬ ଶବ ହସ୍ତାନ୍ତରିତ



**ଅହମଦାବାଦ:** ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ୧୧ ଦିନ ସୁଦ୍ଧା ଅଧିକାରୀମାନେ ୨୫୯ ଶବ ଚିହ୍ନଟ କରିଥିବା ପୁଷ୍ଟି କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୯୯ଜଣ ଭାରତୀୟ ହୋଇଥିବା ବେଳେ ୬୦ ଜଣ ବିଦେଶୀ ନାଗରିକ ଅଛନ୍ତି। ଏହି ନାଗରିକମାନେ ବ୍ରିଟେନ, ପର୍ତ୍ତୁଗାଲ ଓ କାନାଡାର ବୋଲି କୁହାଯାଇଛି। ଏ ପର୍ଯ୍ୟନ୍ତ ୨୫୬ ଶବ ସେମାନଙ୍କ ପରିଜନଙ୍କୁ ହସ୍ତାନ୍ତରିତ କରାଯାଇଛି। ଅହମଦାବାଦ ସିଭିଲ ହସ୍ପିଟାଲ ଦ୍ୱାରା ଜାରି ଏକ ପ୍ରେସ୍ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି।

ଏଥିରେ ୩ ଜଣ ବ୍ରିଟିଶ ନାଗରିକଙ୍କ ଶବକୁ ସେମାନଙ୍କ ଦେଶକୁ ପଠାଇବାକୁ ବ୍ୟବସ୍ଥା କରାଯାଉଥିବା କୁହାଯାଇଛି। ଅଧିକାରୀଙ୍କ ଅନୁସାରେ ଏପରି କେତେକ ଶବ ଅଛି ଯେଉଁଗୁଡିକ ସମ୍ପୂର୍ଣ୍ଣ ଜଳି ଯାଇ କ୍ଷତିଗ୍ରସ୍ତ ହୋଇଛି। ଏଣୁ ଏହି ଶବଗୁଡିକୁ ଚିହ୍ନଟ କରିବା କଷ୍ଟକର ହେଉଥିଲା। ଏଣୁ ଶବଗୁଡିକୁ ଡିଏନଏ ପରୀକ୍ଷଣ ଦ୍ୱାରା ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଗତ ସପ୍ତାହରେ ୮ ଜଣଙ୍କ ଶବ ଚିହ୍ନଟ କରିବା ପାଇଁ ସେମାନଙ୍କ ପରିବାରକୁ ନୂଆ ଡିଏନଏ ସାମ୍ପୁଲ ମଗାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ ଜୁନ ୧୨ ତାରିଖ ମଧ୍ୟାହ୍ନରେ ଅହମଦାବାଦ-ଗାଟ୍ ଓ୍ୱିକ୍ ଏୟାର ଇଣ୍ଡିଆ ବିମାନ ଉଡାଣ କରିବାର ମାତ୍ର କିଛି ମିନିଟରେ ଆକାଶରୁ ଖସି ପଡିଥିଲା। ଏହି ବିମାନଟି ଏୟାରପୋର୍ଟ ନିକଟ ଜନବସତୀ ଅଞ୍ଚଳର ବି.ଜେ ମେଡିକାଲ କଲେଜ ହସ୍ପିଟାଲର ଛାତ୍ରାବାସ ଉପରେ ଖସି ପଡିଥିଲା। ମଧ୍ୟାହ୍ନ ଭୋଜନ ସମୟ ହୋଇଥିବାରୁ ଛାତ୍ରାବାସ କ୍ୟାଣ୍ଟିନରେ ଡାକ୍ତରୀ ଛାତ୍ରଙ୍କ ଭିଡ ଥିଲା। ଏଣୁ ବିମାନ ଯାତ୍ରୀ ଓ ତଳେ ଜନବସତୀ ଅଞ୍ଚଳରେ ଅନେକ ଲୋକ କ୍ଷୟକ୍ଷତି ହୋଇଥିଲେ।

## କଟକରେ ୪ ସନ୍ଦିଗ୍ଧ ଆଫଗାନୀ ନାଗରିକ

**କଟକ :** କଟକ, ଭାଇଚାରାର ସହର। ଏହି ସହରରୁ ପୁଣି ଆସିଛି ଏକ ନକଲି ଖବର। ଏଇଠି ଆପଣ ଭାବୁଥିବେ ଏବେ ପୁଣି କଣ ନକଲି। ମସଲା, ସସ୍, ତେଲ ନା ଡିଟରଜେଣ୍ଟ୍। ଟିକେ ରହି ଯାଆନ୍ତୁ... ମୁଁ ଏଇଠି ଅଟକାଇଲି ଏଇଥିପାଇଁ ଯେ, ଏଥର ଏସବୁ ନୁହେଁ ବରଂ ମଣିଷ ନକଲି। କଥାଟା ଟିକେ ଆଶ୍ଚର୍ଯ୍ୟ ଲାଗୁଥିବ । ଭାବୁଥିବେ ମଣିଷ କେମିତି ନକଲି। ତେବେ ଥରେ ଭାବିଲେ ମିଛ ପରିଚୟ ଦେଇ ରହିବା କଣ ନକଲି ମଣିଷର ପରିଚୟ ନୁହେଁ କି। ସେମିତି ନକଲି ପାସପୋର୍ଟରେ ୪ ଆଫଗାନୀ ନାଗରିକ ଧରା ପଡ଼ିଛନ୍ତି ସହସ୍ର ବର୍ଷର ପୁରୁଣା ସହରରେ। ସେମାନେ ନକଲି ଭାରତୀୟ ପାସପୋର୍ଟରେ ଗତ ୬ ବର୍ଷ ହେଲା ରହି ଆସୁଥିଲେ। ହେଲେ କାହା ପାଖରେ ସୂଚନା ନଥିଲା। ଶନିବାର ଭୁବନେଶ୍ୱର ବିମାନବନ୍ଦରରୁ ଏହିଭଳି ଜଣେ ଆଫଗାନ ନାଗରିକଙ୍କୁ ଗିରଫ କରିଛି ପୋଲିସ।

# ଇରାନରୁ ଫେରିଲେ ଆଉ ୨୯୦ ଭାରତୀୟ

**ନୂଆଦିଲ୍ଲୀ:** ଇରାନ-ଇସ୍ରାଏଲ ଯୁଦ୍ଧ ଭିତରେ ଫସିଥିବା ଭାରତୀୟଙ୍କ ପାଇଁ ନୂଆ ଆଶା ପାଲଟିଛି ଏହି ଅପରେସନ ସିନ୍ଧୁ । ଯୁଦ୍ଧ ଭୂମିରୁ ଫେରୁଛି ଜୀବନ। ଅପରେସନ ସିନ୍ଧୁ ଜରିଆରେ ଇରାନରୁ ସ୍ୱଦେଶ ଫେରୁଛନ୍ତି ଭାରତୀୟ । ସୋମବାର ୨୯୦ଜଣ ଭାରତୀୟଙ୍କୁ ସୁରକ୍ଷିତ ନେଇ ପହଞ୍ଚିଛି ସ୍ୱତନ୍ତ୍ର ବିମାନ । ସ୍ୱଦେଶ ଫେରିବା ପରେ ଶାନ୍ତିରେ ନିଶ୍ୱାସ ନେଇଛନ୍ତି ୨୯୦ଜଣ ଭାରତୀୟ ।

ଭାରତ ଏପର୍ଯ୍ୟନ୍ତ ୨୦୦୩ ଜଣ ଭାରତୀୟଙ୍କୁ ଇରାନରୁ ଫେରାଇ ଆଣିଛି। ଦିଲ୍ଲୀରେ ପହଞ୍ଚିଥିବା ଯାତ୍ରୀଙ୍କ ମଧ୍ୟରେ ଜଣେ ଶ୍ରୀଲଙ୍କା ମହିଳା ଫାତିମା ଇମାନ ମଧ୍ୟ ଅଛନ୍ତି। ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇ ଫାତିମା କହିଛନ୍ତି ଯେ ସେ ଯେଉଁ ବିଶ୍ୱବିଦ୍ୟାଳୟରେ ପଢୁଛନ୍ତି ସେଠାରେ ଅନେକ ଭାରତୀୟ ଛାତ୍ର-ଛାତ୍ରୀ ଅଛନ୍ତି। ଯେତେବେଳେ ସେ ଜାଣିବାକୁ ପାଇଲେ ଯେ ସମସ୍ତ ଭାରତୀୟ ଘରକୁ ଫେରୁଛନ୍ତି, ସେ ଶ୍ରୀଲଙ୍କାର ଦୂତାବାସ ସହିତ ଯୋଗାଯୋଗ କରି ଘରକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହା ପରେ, ଶ୍ରୀଲଙ୍କା ଏବଂ



ଭାରତର ଦୂତାବାସ ସହିତ ସମନ୍ୱୟ ରଖି ତାଙ୍କର ଯାତ୍ରା ବ୍ୟବସ୍ଥା କରାଯାଇଥିଲା। ଯାହା ଦ୍ୱାରା ସେ ସୁରକ୍ଷିତ ଭାବରେ ନୂଆଦିଲ୍ଲୀ ପହଞ୍ଚିପାରିବେ।

ଫାତିମା କହିଛନ୍ତି ଯେ ଇରାନର ପରିସ୍ଥିତି ଦିନକୁ ଦିନ ଖରାପ ହେଉଛି ଏବଂ ସେଠାରେ ରହିବା ନିରାପଦ ନୁହେଁ। ଆଶା କରାଯାଉଛି ଯେ ପରିସ୍ଥିତି ଶୀଘ୍ର ସୁଧୁରିବ ଏବଂ ସେମାନେ ପୁଣି ଥରେ ଇରାନ ଫେରି ନିଜର ପାଠପଢ଼ା ସମାପ୍ତ କରିପାରିବେ। ଏହା ସହ ସେ ଭାରତୀୟ ଦୂତାବାସ ଏବଂ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି ।ବିହାରର ସିୱାନର ସୟଦ ଓ୍ୱାଜି ହାଇଦର କହିଛନ୍ତି ଯେ ସେ ଭାରତ ଫେରିବା ପରେ ବହୁତ ଆଶ୍ୱସ୍ତ ଅନୁଭବ କରୁଛନ୍ତି।

## ଉତ୍ତରକାଶୀ ଯମୁନେତ୍ରୀ ମାର୍ଗରେ ଭୂ-ସ୍ଖଳନ

# ଅତଡ଼ା ତଳେ ପୋତି ହୋଇଗଲେ ୩ ଶ୍ରଦ୍ଧାଳୁ

**ଉତ୍ତରକାଶୀ:** ଉତ୍ତରାଖଣ୍ଡ ଉତ୍ତର କାଶୀ ଯମୁନେତ୍ରୀ ଧାମ ପାଦଚଲା ରାସ୍ତାରେ ଭୂ-ସ୍ଖଳନ ହୋଇଛି। ସୋମବାର ଅପରାହ୍ନରେ ହୋଇଥିବା ଏହି ପ୍ରାକୃତିକ ଦୁର୍ବିପାକ କାଳରେ ଶତାଧିକ ଶ୍ରଦ୍ଧାଳୁ ସେହି ରାସ୍ତା ଦେଇ ଦର୍ଶନ କରିବାକୁ ଯାଉଥିଲେ। ଏହି ଅଘଟଣରେ ମାଟି ଅତଡା ତଳେ ୩ ଜଣ ଶ୍ରଦ୍ଧାଳୁ ପୋତି ହୋଇ ପଡିଥିବା ଆଶଙ୍କା କରାଯାଉଛି। ସୂଚନା ମିଳିବାମାତ୍ରେ ଉତ୍ତରକାଶୀ ଜିଲ୍ଲା ପ୍ରଶାସନ ଜରୁରି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି।



ଜିଲ୍ଲା ସୂଚନା ଅଧିକାରୀଙ୍କ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଏସଡିଆରଏଫ ଟିମ୍, ମେଡିକାଲ କର୍ମଚାରୀ ଓ ସ୍ଥାନୀୟ ପ୍ରଶାସନ ତତ୍କାଳ ଘଟଣା ସ୍ଥଳରେ ରେସକ୍ୟୁ ଅପରେସନ ଆରମ୍ଭ କରିଛନ୍ତି। ଉଦ୍ଧାରକାରୀ ଦଳ ପାହାଡରୁ ଛିଡିଥିବା ଅତଡା ତଳୁ ଲୋକଙ୍କ ଉଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଅଭିଯାନ ଚଳାଇଛନ୍ତି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ରାସ୍ତାକୁ ଏବେ ବନ୍ଦ କରି ଦିଆଯାଇଛି ଓ ଯାତ୍ରୀମାନଙ୍କୁ ସୁରକ୍ଷିତ ସ୍ଥାନମାନଙ୍କରେ ଅଟକା ଯାଇଛି। ଉତ୍ତରକାଶୀ ଜିଲ୍ଲାଧିକାରୀ ଘଟଣା ଉପରେ ଲଗାତାର ନଜର ରଖି ରହିଛନ୍ତି ଓ କଣ୍ଟ୍ରୋଲ ରୁମରୁ ପ୍ରତି ମୂହୁର୍ତ୍ତ ମନିଟରିଂ କରାଯାଉଛି। ସମ୍ପର୍କିତ ସବୁ ଏଜେନ୍ସୀଙ୍କୁ ଯୁଦ୍ଧକାଳୀନ ଉଦ୍ଧାର କାର୍ଯ୍ୟ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ପାଣିପାଗ ବିଭାଗ ଆଗାମୀ ଦିନମାନଙ୍କରେ ଭୀଷଣ ବର୍ଷା ସତର୍କତା ଜାରି କରିଛନ୍ତି। ଏଣୁ ଆଗକୁ ଚାରିଧାମ ଯାତ୍ରା କଷ୍ଟକର ହେବ ବୋଲି ଅନୁମାନ କରାଯାଉଛି।

# ସୁରଟ୍‌ରେ ପ୍ରବଳ ବର୍ଷା ରାସ୍ତା ପାଲଟିଲା ନଈ

**ଗାନ୍ଧୀନଗର:** ପାଣି.. ପାଣି.. ପାଣି.. ରାସ୍ତାରେ ଏତେ ପାଣି ଯେ ରାସ୍ତା ଦିଶୁନି । କାଲି ଯେଉଁଠି ଚକାଚକ ଥିଲା ରାସ୍ତା, ଆଜି ସେଇଠି ରାସ୍ତା ନାହିଁ । ବରଂ ରାସ୍ତାଟା ନଈ ପାଲଟି ଯାଇଛି । ବର୍ଷା ପରେ ପାଣିର

## ଭାସିଲା ଗାଡ଼ିମଟର

ପରିମାଣ ଏତେ ମାତ୍ରାରେ ବଢିଛି ଯେ ରାସ୍ତାରେ ସବୁ ଗାଡି ଭାସିଲା ପରି ଦିଶୁଛି । ଅଣ୍ଟେ ଅଣ୍ଟେ ପାଣିରେ ବସ୍ ଠାରୁ ଟ୍ରକ୍ ଏବଂ ବାଇକ୍ ଯାଉଥିବା ବେଳେ ସବୁ ଗାଡି ରାସ୍ତାରେ ଭାସୁଥିବା ଡଣା ପଡୁଛି । ଏମିତି ଲାଗୁଛି ରାସ୍ତା ନଈ ପାଲଟିଯାଇଛି ଆଉ ଗାଡି ସବୁ ଚାଲୁ ନାହାନ୍ତି ବରଂ ଭାସୁଛନ୍ତି ।

ଏ ଦୃଶ୍ୟ ଆସିଛି ବ୍ୟବସାୟର ସହ ସୁରଟରୁ । ରଘୁକୂଳ ରେଳ ଓଭରବ୍ରିଜ ତଳେ ଲଗାଣ ବର୍ଷା ପରେ ପାଣି ଜମିଛି । ଆଉ ସେହି ସ୍ଥାନରେ ଗାଡି ସବୁ ପାଣିରେ



ଭାସମାନ ପରି ଲାଗୁଛନ୍ତି । ବର୍ଷା ପରେ ଜଳବନ୍ଦୀ ସ୍ଥିତି ସାଧାରଣ ଜୀବନକୁ ପ୍ରଭାବିତ କରିଛି ।

ତେବେ ଆଜି ମୌସୁମୀ ଜନିତ ବର୍ଷାରେ ବେହାଲ ହୋଇଛି ସୁରଟ । ସକାଳେ ସକାଳେ ଲଗାଣ ବର୍ଷା ପରେ ସହରରେ ବନ୍ୟା ପରି ସ୍ଥିତି ଉପୁଜିଛି । ପ୍ରବଳ ବର୍ଷା ଫଳରେ ସହର ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଆଣ୍ଠୁଏ ପାଣି ଛିଡ଼ା ହୋଇଛି ଯାହା ଫଳରେ ଜନ ଜୀବନ ପ୍ରଭାବିତ ହୋଇଛି । ଜଳ ପାଇଁ ସହରରେ ଦେଖା ଦେଇଛି ଟ୍ରାଫିକ ସମସ୍ୟା । ବର୍ଷା ଏତେ ଜୋରରେ ହୋଇଛି ଯେ ରାସ୍ତାରେ ବାଇକ୍ ସବୁ ଭାସୁଥିବା ଦେଖିବାକୁ ମିଳିଛି ଆଉ କାର୍ ଅଧା ବୁଡି ଯାଇଛି ।

ଆଜି ସକାଳ ୮ରୁ ୧୦ଟା ଯାଏଁ ପ୍ରବଳ ବର୍ଷା ହୋଇଥିଲା । ଯାହା ଫଳରେ ସହର ଜଳବନ୍ଦୀ ହୋଇଛି । ବର୍ଷା ଜଳ ବିଭିନ୍ନ ଆପାର୍ଟମେଣ୍ଟରର ତଳେ ରହୁଥିବା ଲୋକଙ୍କ ଘରେ ପଶିଛି ଏବଂ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ବର୍ଷା ପାଇଁ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ପିଲା ଏବଂ ଶିକ୍ଷକଙ୍କ ପାଇଁ ସ୍କୁଲକୁ ଛୁଟି ରଖାଯାଇଛି । ଡ୍ରେନେଜ ସମସ୍ୟା ପାଇଁ ସହରର ମୁଖ୍ୟ ରାସ୍ତାର ପାଣି ଜମା ହୋଇଛି । ଲୋକେ ସେହି ପାଣିରେ ପଶି ଯାଉଥିବା ଦେଖିବାକୁ ମିଳିଛି ।

## ରାଶିଫଳ

**ମେଷ :** ସକାଳ ୯ଟା ୧୫ ମିନିଟ୍ ପରେ ଦ୍ୱାଦଶ ଚନ୍ଦ୍ର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହଭାବ ପ୍ରକାଶ ପାଇବ ଏବଂ ଆୟ ପାଞ୍ଚ ଟଙ୍କା ହେଲେ ବ୍ୟୟ ପଚିଶ ଟଙ୍କା ହେବ। ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ ।

**ବୃଷ:** ଦଶମ ଓ ଏକାଦଶଚନ୍ଦ୍ର ଏବଂ ଅପରାହ୍ଣ ୨ଟା ୫୬ ମିନିଟ୍ ପରେ ଶନିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଭାଗ୍ୟରେ, କର୍ମରେ ଏବଂ ଆର୍ଥିକ ଅବସ୍ଥାରେ ଉନ୍ନତି ଦେଖାଦେବ । ନୂତନ ବ୍ୟବସାୟ ଓ କର୍ମାରମ୍ଭର ଯୋଜନା କରିବେ ।

**ମିଥୁନ:** ସକାଳ ୯ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଘାତଚନ୍ଦ୍ର ଓ ସକାଳ ୮ଟା ୦୩ ମିନିଟ୍ ପର୍ଯ୍ୟନ୍ତ ଘାତତିଥି ଯୋଗୁ ସେସମୟ ପର୍ଯ୍ୟନ୍ତ ମନ ଅସ୍ଥିର ରହିବ ଏବଂ ସମସ୍ତ କର୍ମରେ ଓ ବ୍ୟବସାୟରେ ଅଶୁଭ ଫଳ ମିଳିବ । ଏହା ପରେ ଦଶମଚନ୍ଦ୍ର ଯୋଗୁ ସ୍ଥିତିରେ ପରିବର୍ତ୍ତନ ଆସିବ ।

**କର୍କଟ:** ସକାଳ ୯ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଅଷ୍ଟମ ଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ମନରେ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ସମସ୍ତ କର୍ମ ବିବାଦୀୟ ହେବ । ଏହା ପରେ ନବମ ଚନ୍ଦ୍ର ଯୋଗୁ ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ପରୋପକାରଏବଂ ଧାର୍ମିକ କର୍ମରେ ଅଧିକ ଆଗ୍ରହ ରହିବ । ମହତ୍ ବ୍ୟକ୍ତିଙ୍କ ଆଶ୍ରୟ ମିଳିବ ।

**ସିଂହ:** ସକାଳ ୯ଟା ୧୫ ମିନିଟ୍ ପରେ ଅଷ୍ଟମ ଚନ୍ଦ୍ର ଯୋଗୁ ଧନ କ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଶାରୀରିକ ପୀଡ଼ା ଭୋଗିବେ । ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ବିବଦୀୟ ହେବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ ।

**କନ୍ୟା :** ଷଷ୍ଠ ଓ ସପ୍ତମ ଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ମାନସିକ, ପାରିବାରିକ ଶାନ୍ତି ଏବଂ ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ । ପୁତ୍ର, କନ୍ୟା, ଭାତୃ, ଭଗ୍ନିଙ୍କ ବୈବାହିକ କର୍ମର ଆୟୋଜନ କରିବେ କିମ୍ବା ପରିବାର ସହ କୌଣସି ବୈବାହିକ କର୍ମରେ ଯୋଗ ଦେବେ ।

**ତୁଳା:** ପଞ୍ଚମ ଓ ଷଷ୍ଠଚନ୍ଦ୍ର ଯୋଗୁ ରୋଗ, ଋଣ, ଦୁଃଖ, ଶୋକ, କ୍ଲେଶ ଏବଂ ମାନସିକ ଅବସାଦରୁ ମୁକ୍ତ ହେବେ । ଶତ୍ରୁ ମାନେ ମିତ୍ରତାର ହାତ ବଢ଼ାଇବେ ଏବଂ ଆପଣଙ୍କ ବକ୍ତବ୍ୟରେ ସମ୍ମୋହନର ଶକ୍ତି ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ବିଛା :** ସକାଳ ୯ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଚତୁର୍ଥ ଚନ୍ଦ୍ରଯୋଗୁ ସେସମୟ ପର୍ଯ୍ୟନ୍ତ ସମସ୍ତ କର୍ମରେ ଓ ବ୍ୟବସାୟରେ ଅଶୁଭ ଫଳ ମିଳିବ । ଏହାପରେ ପଞ୍ଚମ ଚନ୍ଦ୍ର ଯୋଗୁ ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି, ଦୂରଦୃଷ୍ଟି, ଧୀଶକ୍ତି ଓ ସ୍ମରଣ ଶକ୍ତିର ବିକାଶ ଘଟିବ ଏବଂ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ଧନୁ :** ସକାଳ ୯ଟା ୧୫ ମିନିଟ୍ ପରେ ଘାତଚନ୍ଦ୍ର ଯୋଗୁ ଗୁରୁଜନଙ୍କ ସହ ବିବାଦ, କ୍ଷମତା ଶାଳୀ ବ୍ୟକ୍ତିଙ୍କ ସହ ଶତ୍ରୁତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହେବେ । ମନରେ ଅସ୍ଥିରତା, ପରିବାରରେ ମତାନ୍ତର, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ଆର୍ଥିକ ଠକାମିରେ ପଡ଼ି ପାରନ୍ତି ।

**ମକର :** ଦ୍ୱିତୀୟ ଓ ତୃତୀୟଚନ୍ଦ୍ର ଏବଂ ଅପରାହ୍ଣ ୨ଟା ୫୬ ମିନିଟ୍ ପରେ ଶନିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ନୂତନ କର୍ମ, ବିଦେଶ ଯାତ୍ରା ଆଦିର ସୁଯୋଗ ଜୁଟିବ । ଧନ, ସମ୍ପଦ ବୃଦ୍ଧିପାଇବ ଏବଂ ଆର୍ଥିକ ସ୍ଥିତିରେ ସୁଧାର ଆସିବ ।

**କୁମ୍ଭ :** ଶ୍ରୀଚନ୍ଦ୍ର ଏବଂ ଦ୍ୱିତୀୟ ଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତ ଧନ ଫେରି ପାଇବେ । ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ଦେହ, ମନ ସୁସ୍ଥ ରହିବ ।

**ମୀନ:** ସକାଳ ୯ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଘାତଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ମନ ଅସ୍ଥିର, ବିଷାଦଗ୍ରସ୍ତ ଓ ଚାପଗ୍ରସ୍ତ ରହିବ ଏବଂ ସମସ୍ତ କର୍ମ ବିବାଦୀୟ ହେବ । ଏହାପରେ ଶ୍ରୀଚନ୍ଦ୍ର, ସୋମବାର ଏବଂ ବୃହସ୍ପତିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ ଏବଂ ସମସ୍ତ କର୍ମରେ ସୁଧାର ଆସିବ । ।

# ମାତୃଭାଷା

କଟକ, ବୁଧବାର, ଜୁନ - ୨୫, ୨୦୨୫ ପୃଷ୍ଠା:୪


## ମୋଦିଙ୍କ ଦୂରଦୃଷ୍ଟି - ସାରା ବିଶ୍ୱ ତୈଳ ସଙ୍କଟରେ ଥିବାବେଳେ ଭାରତ ନିଶ୍ଚିନ୍ତ ଥିବ

ହର୍ମୁଜ୍ ପ୍ରଣାଳୀ ଏକ ଅତ୍ୟନ୍ତ ସଂକୀର୍ଣ୍ଣ, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ, ଯାହା ଦେଇ ବିଶ୍ୱର ପ୍ରାୟ ଏକ ଚତୁର୍ଥାଂଶ ତୈଳର ବାଣିଜ୍ୟ କାରବାର ହୁଏ।

ଏହି ରାସ୍ତା ମାତ୍ର ୩୩ କିଲୋମିଟର ଚଉଡା, କିନ୍ତୁ ଏହା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଯଦି ଏହା ବନ୍ଦ ହୋଇଯାଏ, ତେବେ ସମଗ୍ର ବିଶ୍ୱର ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇପାରେ।

ଇରାନର ଏହି ପଦକ୍ଷେପ ପରେ ୟୁରୋପ ଏବଂ ଆମେରିକା ସମେତ ସମଗ୍ର ବିଶ୍ୱର ଅର୍ଥନୀତି ଦୋହଲିଯାଇପାରେ, କାରଣ ଇରାନ ଏଠାରେ ବାରୁଦ ବିଛେଇବାକୁ ଯାଉଛି।

ଇରାନ ଆଉ ଏକ ବଡ଼ ପଦକ୍ଷେପ ନେଇ ବାବ୍ ଅଲ୍ ମଣ୍ଡେବ ନାମକ ଚୋକ ପଏଣ୍ଟକୁ ନିୟନ୍ତ୍ରଣକୁ ନେଇଛି। ଏହି ରାସ୍ତା ଦେଇ ଆଫ୍ରିକାରୁ ତେଲ ଆସିଥାଏ।

କିନ୍ତୁ ଏହାକୁ ଇରାନ ସମର୍ଥିତ ହୁଥିଆମାନେ କବଜା କରିନେଇଛନ୍ତି। ଏହାର ଅର୍ଥ ହେଉଛି ଯେ ଏବେ ତେଲ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବ ଏବଂ ମୁଦ୍ରାସ୍ଫୀତି ତଥା ଦରଦାମ୍ ବୃଦ୍ଧି ସାରା ବିଶ୍ୱରେ ନିଆଁ ପରି ବ୍ୟାପିପାରେ।

ତେବେ ଆମେରିକା ଏଥିରୁ ତିଷ୍ଠି ରହିବ। କାରଣ ତାହା ପାଖରେ ତେଲର ବିଶାଳ ଭଣ୍ଡାର ରହିଛି। କିନ୍ତୁ ୟୁରୋପ ପାଇଁ ଗବର ସିଂହର ଏହି ସଂଳାପ ତଥା ଡାଇଲଗ୍ ଠିକ୍ ରହିବ- ' ଅବ୍ ତେରା କ୍ୟା ହୋଗା କାଲିଆ' ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ଏହା ସମଗ୍ର ବିଶ୍ୱ ପାଇଁ ଏକ ଆର୍ଥିକ ବିପର୍ଯ୍ୟୟ ହୋଇପାରେ। ଅନେକ ଦେଶ ଯେଉଁମାନେ ପୂର୍ବରୁ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି, ଏହା ସେମାନଙ୍କ ପାଇଁ ଏକ ଆଘାତ ହେବ।

ମୁଦ୍ରାସ୍ଫୀତି, ମାନ୍ଦାବସ୍ଥା ଏବଂ ଅସ୍ଥିରତା ଏକାଠିହୋଇ ଆସିବେ- ଯେପରି ବିଶ୍ୱ ଅର୍ଥନୀତିକୁ ବରବାଦ୍ କରିଦେବେ।

କିନ୍ତୁ ଭାରତ ସରକାର ପୂର୍ବରୁ ଏହି ବିପଦଗୁଡ଼ିକ ଆସିବ ବୋଲି ପୂର୍ବାନୁମାନ କରିସାରିଥିଲେ। ଯେତେବେଳେ ଅନ୍ୟ ଦେଶଗୁଡ଼ିକ ତେଲ ପାଇଁ ଲଢ଼େଇରେ ମାତିଥିଲେ, ସେତେବେଳେ ଭାରତ ଚୁପଚାପ୍ ତାର ରଣନୀତି ପ୍ରସ୍ତୁତ କରି କାମ ହାସଲ କରିନେଇଥିଲା।

ବର୍ତ୍ତମାନ ଭାରତ ରୁଷ ଏବଂ ଆମେରିକାରୁ ବହୁ ପରିମାଣରେ ତେଲ ଆମଦାନୀ କରୁଛି, ତାହା ମଧ୍ୟ ଏକ ବଡ଼ ରିହାତିରେ। ପ୍ରତିଦିନ ଭାରତକୁ ୨.୨ ନିୟୁତ ବ୍ୟାରେଲରୁ ଅଧିକ ଅଶୋଧିତ ତେଲ ଆସୁଛି, ଯାହା ଗତ ଦୁଇ ବର୍ଷ ମଧ୍ୟରେ ସର୍ବାଧିକ।

ଋଷ-ୟୁକ୍ରେନ ଯୁଦ୍ଧ ପରଠାରୁ ପାଶ୍ଚାତ୍ୟ ଆମେରିକା ସମେତ ପାଶ୍ଚାତ୍ୟ ଦେଶମାନେ ଭାରତ ଉପରେ ରୁଷରୁ ତେଲ ନ କିଣିବା ପାଇଁ ଚାପ ପକାଇଥିଲେ। କିନ୍ତୁ ଭାରତ ଏହି ଚାପକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଥିଲା। ଫଳରେ ଆଜି ଯେତେବେଳେ ବିଶ୍ୱ ସମସ୍ୟାରେ ଅଛି, ଭାରତରେ ପ୍ରଚୁର ପରିମାଣର ତେଲ ମହଜୁଦ ଅଛି ଏବଂ ମୂଲ୍ୟ ନିୟନ୍ତ୍ରଣରେ ଅଛି।

କେବଳ ଏତିକି ନୁହେଁ, ଭାରତ ୪୦ ଟି ବିଭିନ୍ନ ଦେଶରୁ ତେଲ ଯୋଗାଣ ପାଇଁ ବିକଳ୍ପ ସୃଷ୍ଟି କରିଛି। ଏହା ନିଶ୍ଚିତ କରିଛି ଯେ ଯଦି କୌଣସି ଗୋଟିଏ ଦେଶ ତୈଳ ଯୋଗାଣ ବନ୍ଦ କରିଦିଏ, ତେବେ ମଧ୍ୟ ଭାରତର ଶକ୍ତି ଆବଶ୍ୟକତା ପ୍ରଭାବିତ ହେବ ନାହିଁ।

ଏହି ଦୂରଦୃଷ୍ଟି ଏବଂ ନିଷ୍ପତ୍ତି ନେବାର ଶକ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ତାଙ୍କ ସରକାରଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ। ଯଦି କଂଗ୍ରେସ ଶାସନ ସମୟରେ ଏପରି ଦୂରଦୃଷ୍ଟି ଥାଆନ୍ତା, ତେବେ ପ୍ରତି ୧୦ ବର୍ଷରେ ତୈଳ ମୂଲ୍ୟ ଦ୍ୱିଗୁଣିତ ହୋଇନଥାଆନ୍ତା।

ଆଜି ଭାରତ କେବଳ ତୈଳ ସଙ୍କଟରୁ ସୁରକ୍ଷିତ ନୁହେଁ, ବରଂ ନିଜର ଏହି ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ଦ୍ୱାରା ବିଶ୍ୱକୁ ରାସ୍ତା ଦେଖାଉଛି।

# ଜଗନ୍ନାଥ ଯେ ଷୋଳକଳା


କିଶୋର କୁମାର ଜେନା




ଓଡ଼ିଶାର ଆଧ୍ୟାତ୍ମିକ ଇତିହାସ ବହୁ ଧର୍ମ, ଧାରଣା, ମତବାଦ, ସମ୍ପ୍ରଦାୟକୁ ଅଙ୍ଗୀଭୂତ କରିଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶୀର୍ଷ ସ୍ଥାନରେ ସ୍ଥାପନ କରି ଉତ୍କଳୀୟ ଧର୍ମ ପରମ୍ପରାର ମହତ୍ୱ ଓ ମହାନତା ପ୍ରଖ୍ୟାପନ କରିଛନ୍ତି। ଉତ୍କଳୀୟ ବୈଷ୍ଣବ ସମ୍ପ୍ରଦାୟର କବିମାନେ ସେମାନଙ୍କ ଗ୍ରନ୍ଥରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ରୂପେ ଚିତ୍ରଣ କରି ଶ୍ରୀଜଗନ୍ନାଥଙ୍କର ମହିମା ଓ ମହାନତା ପ୍ରତିପାଦନ କରିଛନ୍ତି। ସେଥିପାଇଁ ଭକ୍ତ ଦିବାକର ଦାସ 'ଜଗନ୍ନାଥ ଚରିତାମୃତ'ର ୧୮ ଅଧ୍ୟାୟରେ ଘୋଷଣା କରିଛନ୍ତି -

'ଜଗନ୍ନାଥ ଯେ ଷୋଳକଳା।<br>
ତହୁଁ କଳାଏ ନନ୍ଦବାଳା।<br>
କଳାକେ ଷୋଳ କଳା କରି।<br>
ଗୋପେ ବିହରେ ନରହରି।'

ପୁରୀ ନୀଳାଚଳ ଧାମର ମହତ୍ୱ ବର୍ଣ୍ଣନା କରି ଏହାକୁ ନିତ୍ୟସ୍ଥଳୀ ଗୋଲକ ରୂପେ ଅଭିହିତ କରିଛନ୍ତି। ସେ ଉପରୋକ୍ତ ଅଧ୍ୟାୟରେ କହିଛନ୍ତି - 'ସେହୁ ଗୋଲକ ନିତ୍ୟସ୍ଥଳ। ସେଇଟି ଗିରି ନୀଳାଚଳ।। କୋଟିଏ ଯୁଗ ଯେବେ ଯାଇ। ଏଥିରେ ଲୀଳା ନ ସରଇ।।' ପରମ ସାଧକ ଅଚ୍ୟୁତାନନ୍ଦ ପ୍ରସିଦ୍ଧ 'ଶୂନ୍ୟସଂହିତା'ରେ କହିଛନ୍ତି - 'ଅବତାର ଦଶ ଏହି ଦାରୁରୂପ, ଏହି ଦାରୁରେ ସେ ଲୀନ, ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ, ବିଜେ ରତ୍ନ ସିଂହାସନ।'

ଭକ୍ତ ଦିବାକର ଦାସ 'ଶ୍ରୀଜଗନ୍ନାଥ' ଏହି ଶବ୍ଦର ପାଞ୍ଚୋଟି ବର୍ଣ୍ଣର ଯେଉଁ ଅର୍ଥ ବୟାନ କରିଛନ୍ତି ସେଥିରୁ ପ୍ରତିପନ୍ନ ହୁଏ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବଶକ୍ତିମାନ, ସର୍ବବ୍ୟାପୀ, ଅର୍ଥଲକ୍ଷ୍ମୀ, ଭକ୍ତି-ପ୍ରୀତି-ଶୋଭା ପ୍ରଦାୟିନୀ ଶକ୍ତି। 'ଜ'ର ଅର୍ଥର ହେଉଛି ସୃଷ୍ଟିର ସ୍ଥୂଳ ଜଗନ୍ମୟ, ଜ୍ୟୋତି ସ୍ୱରୂପ, ସର୍ବଦେବତା, ବେଦମନ୍ତ୍ର-ଯୋଗ-ଜ୍ଞାନ ପ୍ରଭୃତିର ଜନ୍ମସ୍ଥଳ। 'ଗ'ର ଅର୍ଥ ହେଉଛି ଗୁହ୍ୟ, ଅନନ୍ତ, ଗୋଲକ, କଷ୍ଟ ନିବାରକ। 'ନ୍ନା' ବା 'ନ'ର ଅର୍ଥ ହେଉଛି ନିର୍ବିକଳ୍ପ, ନିରାକାର, ମହାନିତ୍ୟ, ଅବିନାଶୀ, ନାମରୂପୀ ଇତ୍ୟାଦି। 'ଥ'ର ଅର୍ଥ ସର୍ବଭୂତ ଆତ୍ମ, ସୁଦର୍ଶନ, ସ୍ଥିରବୁଦ୍ଧି, ଧର୍ମ-ଅର୍ଥ-କାମ-ମୋକ୍ଷର ଜନ୍ମସ୍ଥଳ ଏବଂ ସର୍ବପ୍ରାଣୀ-ହିତକାରୀ।

ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧ୍ୟାନ ପରମବ୍ରହ୍ମ, ଜ୍ଞାନ ଆତ୍ମଜ୍ଞାନ, ଭକ୍ତି ନାମ ସ୍ମରଣ, ମଣୋହୀ ନିର୍ମାଲ୍ୟ, ବିହାର ହେଉଛି ବୈକୁଣ୍ଠ। ଏହି ଧର୍ମର ସମଦର୍ଶୀ ବ୍ରହ୍ମ-ଭାବରୁ ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ।

ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର ଧର୍ମ ଦର୍ଶନର କେନ୍ଦ୍ରବିନ୍ଦୁ। ସେ ଦ୍ୱାରିକାନାଥ, ବଦ୍ରିନାଥ ଓ ରାମନାଥଙ୍କ ସଦୃଶ କୌଣସି ସ୍ଥାନ ବିଶେଷର ନାଥ ନୁହଁନ୍ତି। ଶ୍ରୀଜଗନ୍ନାଥ ନାମ ତାଙ୍କର ବିଶ୍ୱପ୍ରଭୁତ୍ୱର ଦ୍ୟୋତନା ସୃଷ୍ଟି କରିଥାଏ। ଶ୍ରୀଜଗନ୍ନାଥ ସ୍ୱୟଂ ଚତୁର୍ଦ୍ଧା ବିଭକ୍ତ ହୋଇ ରତ୍ନସିଂହାସନରେ ଆସୀନ। ଯଥା 'ଜ କାର ସ୍ତୁ ଜଗନ୍ନାଥଃ ବଳଭଦ୍ର ଗ କାରକଃ - ଭଦ୍ରା ନ କାର ରୂପା ଚ ଥ କରୋପି ସୁଦର୍ଶନଃ'। ଶ୍ରୀଜନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନ ସମସ୍ତେ ସମ୍ମିଳତ ଭାବେ ଏକ ଓ ଅଭିନ୍ନ। ସେମାନଙ୍କ ନାମକରଣ ମଧ୍ୟ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ। ଜଗତର ନାଥ ଶ୍ରୀଜଗନ୍ନାଥ। ବଳଯୁକ୍ତ ଭଦ୍ରତାର ପ୍ରତିଭୂ ଶ୍ରୀବଳଭଦ୍ର। ଉତ୍ତମ ଓ ଭଦ୍ରଦେବୀ ସୁଭଦ୍ରା। ଉତ୍ତମ ଦର୍ଶନର ପ୍ରତୀକ ଶ୍ରୀସୁଦର୍ଶନ। ଶ୍ରୀ ସୁଦର୍ଶନ, ଶ୍ରୀସୁଭଦ୍ରା, ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ମୂର୍ତ୍ତି ପରିକଳ୍ପନା ମାନବ ସୃଷ୍ଟିର କ୍ରମ ବିବର୍ତ୍ତନ ପ୍ରକ୍ରିୟା ଉପରେ ପର୍ଯ୍ୟବେସିତ। ଏହି ମୂର୍ତ୍ତି ପରିକଳ୍ପନାରେ ଏକ ସାର୍ବଜନୀନ ଆବେଦନ ପରିସ୍ଫୁଟ।

ବସ୍ତୁବାଦୀ ସାମ୍ପ୍ରତିକ ବିଶ୍ୱରେ ମନୁଷ୍ୟ ପ୍ରଚୁର ଅର୍ଥ, ପ୍ରଭୂତ କ୍ଷମତା ତଥା ଅପରିମେୟ ପ୍ରତିପତ୍ତିର ଅଧିକାରୀ ହୋଇ ମଧ୍ୟ ତିଳେ ହେଲେ ଶାନ୍ତି ପାଇପାରୁନାହିଁ। ଶାନ୍ତି ଅନ୍ୱେଷଣରେ ଶ୍ରୀକ୍ଷେତ୍ର ପର୍ଯ୍ୟଟନକୁ ସେ ଶ୍ରେୟ ମନେ କରୁଅଛି। ବାସ୍ତବରେ ମହାଲକ୍ଷ୍ମୀ ମନ୍ଦିର ସଂଲଗ୍ନ ଚିରବସନ୍ତର କ୍ରୀଡ଼ାଭୂମି ଜଗମୋହନରେ ଉପବେଶନ, ଆନନ୍ଦବଜାରରେ ମହାପ୍ରସାଦ ସେବନ ଓ ମହୋଦଧି ବେଳାରେ ମୁକ୍ତବାୟୁ ଆହରଣ ସର୍ବୋପରି ରତ୍ନସିଂହାସନରେ ଶ୍ରୀଜଗନ୍ନାଥ ଦର୍ଶନ ଫଳରେ ଯେଉଁ ମନସ୍ତାତ୍ତ୍ୱିକ ସନ୍ତୋଷ ମିଳିଥାଏ, ତାହା ଅନ୍ୟତ୍ର ଦୁର୍ଲ୍ଲଭ। ନ୍ୟାୟ, ସତ୍ୟ, ଶାନ୍ତି ଓ ଆନନ୍ଦର ପ୍ରତିଷ୍ଠା ଶ୍ରୀଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ। ଶ୍ରୀଜଗନ୍ନାଥ ଏକ ଶାଶ୍ୱତ ନିର୍ବାଣର ଉତ୍ସ। ବିଶ୍ୱର ସମସ୍ତ ଧର୍ମର ଚରମ ଲକ୍ଷ୍ୟ ଯଦି ମୋକ୍ଷ ହୁଏ, ତେବେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ, ରଥ ଚକତଳେ ଆତ୍ମବିସର୍ଜନ, ଶ୍ରୀକ୍ଷେତ୍ରରେ ମୃତ୍ୟୁବରଣ, ସ୍ୱର୍ଗଦ୍ୱାରରେ ଶବସତ୍କାର, ବାଇଶି ପାହାଚରେ ପିଣ୍ଡ ତଥା ଦୀପଦାନ ଓ ଗର୍ଭଗୃହରେ ବ୍ରହ୍ମଦର୍ଶନଜନିତ ପୁଣ୍ୟ ବଳରେ ଏହି ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ଲୋକବିଶ୍ୱାସ ଅଛି। ଶ୍ରୀକ୍ଷେତ୍ର ସଂସାରୀମାନଙ୍କ ପାଇଁ ଯେପରି ଭୋଗକ୍ଷେତ୍ର, ମୋକ୍ଷାଭିଳାଷୀ ମାନଙ୍କ ପାଇଁ ସେହିପରି ଏକ ମୋକ୍ଷକ୍ଷେତ୍ର ମଧ୍ୟ।

ଶ୍ରୀଜଗନ୍ନାଥ ସଂସ୍କୃତି ଏକ ବିରାଟ ବଟବୃକ୍ଷ ହେଲେ, ଅନ୍ୟ ସଂସ୍କୃତି ସମୂହ ଏହାର ଏକ ଏକ ଓହଳ ସଦୃଶ ପ୍ରତୀୟମାନ ହେବେ। ଏହି ସଂସ୍କୃତିର ନିର୍ଯ୍ୟାସ ଆଜି ବିଭିନ୍ନ ଧର୍ମ ସଂସ୍କୃତିର ଧମନୀରେ ଜୀବନୀଶକ୍ତି ରୂପେ ପ୍ରବାହିତ। ଶ୍ରୀଜଗନ୍ନାଥ ସଂସ୍କୃତି ଏକାଧାରରେ ମାନବ-ସମାଜର ଶ୍ରୀ ସମୃଦ୍ଧି ଓ ସୁରକ୍ଷା ସାଧନ କରିଥାଏ। ଏହି ସଂସ୍କୃତି ମାନବ ହୃଦୟରୁ ପଶୁ ପ୍ରବୃତ୍ତିକୁ ଅପସାରିତ କରି ନୈତିକ ତଥା ଆଦର୍ଶ ଜୀବନଯାପନ ପାଇଁ ଯୁଗ ଯୁଗ ଧରି ପ୍ରେରଣା ପ୍ରଦାନ କରି ଆସିଛି। ଅତଏବ, ପରମାଣୁ ତଥା ତାରକା ଯୁଦ୍ଧ ଆତଙ୍କିତ ମାନବ ସଭ୍ୟତାକୁ ଶ୍ରୀଜଗନ୍ନାଥ ସଂସ୍କୃତି ଯେ, ଭଗୀରଥ ତୁଲ୍ୟ ଧ୍ୱଂସ ମୁଖରୁ ରକ୍ଷା କରିପାରିବ, ଏହା ଏକ ଅବିସମ୍ବାଦିତ ସତ୍ୟ। ଶ୍ରୀଜଗନ୍ନାଥ ସଂସ୍କୃତିର ବହୁମୁଖୀ ପ୍ରଗତିଶୀଳ ବିଭାବ ଏକ ନୂତନ 'ବାଦ' ସୃଷ୍ଟି କରିଅଛି, ଯାହାକୁ କି 'ଶ୍ରୀଜଗନ୍ନାଥବାଦ' କହିଲେ ଅତ୍ୟୁକ୍ତି ହେବନାହିଁ।


*ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୭*


# ଶ୍ରୀଜଗନ୍ନାଥ ଚେତନା ଓ ଜଗନ୍ନାଥ ସଂସ୍କୃତି


ଡକ୍ଟର ସୁରେଶ କୁମାର ନାୟକ


ଶ୍ରୀଜଗନ୍ନାଥ ଆମ ସଂସ୍କୃତିର ସର୍ବଜନମାନ୍ୟ ରାଷ୍ଟ୍ର ଦେବତା। ଶ୍ରୀମନ୍ଦିର ରତ୍ନସିଂହାସନରେ କେବଳ ଦେବତା ଭାବରେ ସକାଳୁ ସଞ୍ଜ ଯାଏ ସେ ପୂଜିତ ହୁଅନ୍ତି ନାହିଁ। ବରଂ ଆମ ସୁଖ ଦୁଃଖ, ବିପଦଆପଦ ଓ ଭଲ ମନ୍ଦରେ ସେ ସାହା ହୁଅନ୍ତି ମଣିଷ ଭଳି। ସମଗ୍ର ପୃଥିବୀରେ ଏଭଳି ଦେବତା ବିରଳ। ସେଇଥିପାଇଁ ସେ ଜଗତରନାଥ ଶ୍ରୀଜଗନ୍ନାଥ। ଅନନ୍ୟ ତାଙ୍କର ମହାପ୍ରସାଦ। ଭେଦଶୂନ୍ୟ, ବିକାରଶୂନ୍ୟ ସଂହତି ଭାବ ସୃଷ୍ଟି କରେ ଭକ୍ତ ମନରେ ଏହି ମହାପ୍ରସାଦ। ଅତଏବ ଏହି ପୃଥିବୀ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ପୁରୀଧାମରେ ମହାପ୍ରଭୁଙ୍କର ଅର୍ପିତ ପ୍ରସାଦ ବା ଦ୍ରବ୍ୟ ସ୍ପୃଶ୍ୟାସ୍ପୃଶ୍ୟ ଦୋଷରେ ଦୂଷିତ ହୁଏ ନାହିଁ କି ଏଠାରେ ବର୍ଣ୍ଣବିଚାର ନାହିଁ, ଉଚ୍ଛିଷ୍ଟାଦି ବିଚାର ନାହିଁ କି ଶୌଚାଶୌଚ ପାପ ନିଷ୍ପାପ ବିଚାର ମଧ୍ୟ ନାହିଁ। ଆବ୍ରାହ୍ମଣଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏଠି ନିର୍ବିକାର ଚିତ୍ତରେ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ସେବନପୂର୍ବକ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରନ୍ତି ଏବଂ ଅନ୍ୟ ମାନଙ୍କ ମୁଖରେ ମହାପ୍ରସାଦ ଦେଇ ଦିବ୍ୟାନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ ଅଧିକ ପବିତ୍ର ମଧ ମନେକରିଥାନ୍ତି। ତେଣୁ ଏହି କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଏକ ପାତ୍ରରେ ପାନଭୋଜନ କରିବା ଓ ମିଳାମିଶା କରିବା ବା ସଂହତି ରକ୍ଷା କରିବା ହେଉଛି ଏ ପୀଠର ପରମ୍ପରା। ଏହି ପରମ୍ପରା ବୌଦ୍ଧ ଧର୍ମ ଦର୍ଶନଦ୍ୱାରା ପ୍ରଭାବିତ। ଏହି ଏକତ୍ୱଭାବ, ଭ୍ରାତୃଭାବ ଆମ ସଂସ୍କୃତିର ମହନୀୟତାକୁ ପ୍ରତିପାଦିତ କରିଥାଏ। ସମଗ୍ର ବିଶ୍ୱରେ ଆମ ସଂସ୍କୃତିର ପରାକାଷ୍ଠା ମହାପ୍ରଭୁ ଜଗନ୍ନାଥଙ୍କ ଯୋଗୁ ଆଜି ବିଦିତ। ଆମ ସଂସ୍କୃତି ହେଉଛି ଜାତିଭେଦ ବିହୀନ ସଂସ୍କୃତି - ତାହା ହିଁ ଜଗନ୍ନାଥ ସଂସ୍କୃତି। ବୁଦ୍ଧରୂପୀ ପତିତପାବନଙ୍କ ନାମରେ ସିଂହଦ୍ୱାର ଗୁମୁଟରେ ଜଗନ୍ନାଥଙ୍କ ପ୍ରତିବିମ୍ବ ଅଙ୍କନ କରାଯାଇ ପ୍ରମାଣ କରାଯାଇଛି ଯେ ବୁଦ୍ଧ-ଜଗନ୍ନାଥ-ପତିତପାବନ ଏକ ଓ ଅଭିନ୍ନ ଓ ତାହା ହିଁ ଜଗନ୍ନାଥଙ୍କର ମୂଳରୂପ। ଅତଏବ ଜଗନ୍ନାଥ ବୁଦ୍ଧରୂପୀ ପତିତପାବନ ହୋଇଥିବାରୁ ତାହାଙ୍କ ଯାତ୍ରାକୁ ପତିତପାବନଯାତ୍ରା ବା ରଥଯାତ୍ରା ବୋଲି କୁହାଯାଏ। କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି - 'ସ୍ନାନ ଯେ ଗୁଣ୍ଡିଚା ବେନି ସ୍ୱୟଂଲୀଳା ଯା'ର, ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର।' ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସ୍ନାନ ବା ଗୁଣ୍ଡିଚା ଯାତ୍ରାରେ ଜଗନ୍ନାଥ ମହାପ୍ରଭୁ ପ୍ରସାଦ ବା ଦେଉଳରୁ ବାହାରିଥାଆନ୍ତି।

ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି ଓଡ଼ିଶା ସମେତ ଭାରତ ବର୍ଷ ଓ ଭାରତ ବାହାରେ ବିଭିନ୍ନ ଦେଶରେ ପରିବ୍ୟାପ୍ତ। ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ ଜନସମାଜରେ ଆଦୃତ ହେଉଥିବାରୁ ଦେଶ ବିଦେଶରେ ତାହାଙ୍କର ଏ ଭେଦଭାବ ଶୂନ୍ୟ ଯାତ୍ରାର ବହୁଳ ପ୍ରଚାର ଓ ପ୍ରସାର ଘଟିଛି। ମହାପ୍ରଭୁଙ୍କ ସହିତ ଏ ମଣିଷର ପ୍ରତ୍ୟକ୍ଷ ସାନ୍ନିଧ ଓ ଗୂଢ଼ ସଂଯୋଗର ସୂତ୍ର ସ୍ଥାପିତ ହୁଏ ଏହି ରଥଯାତ୍ରାରେ। କୈବଲ୍ୟ ବା ମୁକ୍ତି ଏହାର ଉଦ୍ଦେଶ୍ୟ। ଶ୍ରୀଜଗନ୍ନାଥଙ୍କ ଏ ରଥଯାତ୍ରା ବ୍ୟକ୍ତି ଜୀବନକୁ ନୀତିମୟ, ଶୁଦ୍ଧ ଓ ଆଚାରଶୀଳ କରୁଥିବାବେଳେ ସାମାଜିକ ଜୀବନଧାରାକୁ ଆନନ୍ଦ ମୁଖରିତ କରିବା ସଙ୍ଗେ ସଙ୍ଗେ ମାର୍ଜିତ ଓ ରୁଚିସମ୍ପନ୍ନ କରିଥାଏ। ସାଂସ୍କୃତିକ ମୂଲ୍ୟବୋଧର ଭିତ୍ତି ଓ ଭୂତ୍ତି ଉପରେ ପ୍ରତିଷ୍ଠିତ ଆମ ସଂସ୍କୃତିର ଏ ମହୋତ୍ସବ ଭକ୍ତିତତ୍ତ୍ୱ, ମୋକ୍ଷତତ୍ତ୍ୱ ଓ ପରମତତ୍ତ୍ୱ ପ୍ରଦାନ ସହିତ ତାର ଉଦାରମାନବିକତାକୁ ଉଦଘୋଷଣା କରେ। ତେଣୁ ବିଶ୍ୱମୁଖୀ ମୈତ୍ରୀବୋଧର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମଣିଷ ଭିତରେ ଦିବ୍ୟଜ୍ଞାନ ଓ ଦେବତ୍ୱ ସୃଷ୍ଟି କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏ ଯାତ୍ରା।


ନିତ୍ୟ ପୁଣ୍ୟଧାମ ପୁରୀକୁ ଆସୁଥିବା ଯେ କେହି ଦର୍ଶନାର୍ଥୀ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିଥାନ୍ତି। ଏହି ନିତ୍ୟ ଧାମ ପୁରୀ ସମାନତାର ଭାବରେ ଉଦବୃଦ୍ଧ କରିଥାଏ ସମସ୍ତଙ୍କୁ। ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ନିଜ ଘରୁ ହିଁ ଯେଉଁ ଭକ୍ତି ନୈବେଦ୍ୟର ସମର୍ପଣ କରିଥାନ୍ତି ତାହା ମହାପ୍ରଭୁଙ୍କୁ ପ୍ରାପ୍ତ ହୋଇଥାଏ। ମହାପ୍ରଭୁ କେବଳ ଶ୍ରୀ ମନ୍ଦିର ଭିତରେ ଆବଦ୍ଧ ହୋଇନାହାଁନ୍ତି ସେ ଆମ ଭାବ, ମନ, ଚେତନା ଓ କାର୍ଯ୍ୟ ଭିତରେ ତାଙ୍କ ବାଣୀ, ତାଙ୍କ ଦର୍ଶନ ସହିତ ଅନ୍ୟ ମାନଙ୍କୁ ପରୋପକାର ସେବା ଭିତରେ ଜୀବନ ନିର୍ବାହ ପାଇଁ ଆମ ମାନଙ୍କୁ କୃପା ଆଶୀର୍ବାଦ ଦେଉଛନ୍ତି। ଆମ ଜୀବନ ଚେତନାର ମୂଳ ଧର୍ମ ଓ ମର୍ମ ହେଉଛି ବାସ୍ତବରେ ସ୍ୱୟଂ ମହାପ୍ରଭୁ ସବୁ କିଛିକୁ ନିଜେ ହିଁ କରାଉଛନ୍ତି ଆମେ ସବୁ ନିମିତ୍ତ ମାତ୍ର। ପୂର୍ଣ୍ଣବ୍ରହ୍ମ କାଳିଆ ସାଆନ୍ତ ଆମ ଜାତିର ପରିଚୟ, ଆମ ମାନଙ୍କ ପରିଚୟ। ମହାପ୍ରଭୁଙ୍କୁ ଅନ୍ତରଭରା ଏତିକି ପ୍ରାର୍ଥନା କରୁଛି ପ୍ରଭୁ ଆମ ସମସ୍ତଙ୍କ ଭିତରେ ପରୋପକାର, ଭାଇଚାରା, ସାମାଜିକ ସୌହାର୍ଦ୍ଦ୍ୟ, ପରିବାର ଓ ସାମାଜିକ ଦାୟିତ୍ୱ, ବୃତ୍ତିନିଷ୍ଠା ପ୍ରତି ସଚ୍ଚୋଟତା ଓ ଅଙ୍ଗୀକାରବଦ୍ଧତା ଆହୁରି ଭରି ଦିଅନ୍ତୁ, ଏ ଜାତିର ଓ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବ ମଙ୍ଗଳ ହେଉ ଏହା ହିଁ କାମନା।


ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ୯୪୩୭୨୨୫୫୯୨


# ଅଣସର ଓ ଦଇତା ନିଯୋଗ


***ପ୍ରଫେସର ଡାକ୍ତର ସମ୍ରାଟ କର***


ଶ୍ରୀମନ୍ଦିରରେ ପାଳନ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନ ଯାତ୍ରା ଅନ୍ୟତମ। ସ୍ନାନବେଦୀରୁ ଚତୁର୍ଦ୍ଧାମୂର୍ତ୍ତି ଓହ୍ଲାଇବା ପରେ ଅଣସର ଘରେ ବିଧି ଅନୁଯାୟୀ ପନ୍ଦର ଦିନ ପୂଜା ପାଇଥାନ୍ତି। ଅଣସର ଘର ଏକ ଅନ୍ଧାର ବା ଆବଦ୍ଧ ଘର ଏହି ଅନ୍ଧାର ଘର ମଧ୍ୟରେ ଗୋଟିଏ ମାତ୍ର ଦୀପ ଜଳୁଥାଏ। ଏହି ସମୟରେ ବିଶ୍ୱାବସୁଙ୍କ ବଂଶଧର ଦଇତା ସେବକମାନେ ଜିଉଙ୍କର ସେବା ପୂଜା କରିଥାନ୍ତି। ସାରା ବର୍ଷ ମଧ୍ୟରୁ ଏଗାର ମାସ ପତିମହାପାତ୍ର ବା ବ୍ରାହ୍ମଣ ସେବକମାନେ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ସେବାକାର୍ଯ୍ୟ ସମ୍ପାଦିତ କରୁଥିଲାବେଳେ ମାତ୍ର ଗୋଟିଏ ମାସ ଅର୍ଥାତ୍ ଆଷାଢ଼ କୃଷ୍ଣ ପ୍ରତିପଦାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ହିଁ ଦଇତାମାନେ ପ୍ରଭୁଙ୍କ ଅପୂର୍ବ ସେବା କାର୍ଯ୍ୟ ସଂପାଦିତ କରିଥାନ୍ତି।



ପ୍ରତିଅଣସର ସାଧାରଣତଃ ଦୁଇ ପ୍ରକାର। ପ୍ରତିବର୍ଷ ଅଣସର ଗୁଣ୍ଡିଚା ଆଗରୁ କରାଯାଏ। ଏହା ପନ୍ଦର ଦିନ ଧରି ପାଳିତ ହୁଏ। ଅନ୍ୟଟି ମହାଅଣସର। ନବକଳେବର ବର୍ଷ ହିଁ ପାଳିତ ହୁଏ। ମହାଅଣସର ୪୫ ଦିନ। ପ୍ରଥମ ଅଣସରରେ ପ୍ରଭୁଙ୍କର କଳେବର ପରିବର୍ତ୍ତନ ହୁଏ ନାହିଁ। ହେଲେ ମହାଅଣସରରେ ବିଗ୍ରହ ପରିବର୍ତ୍ତନ ହୋଇଥାଆନ୍ତି। ପ୍ରଭୁ ଜଗନ୍ନାଥ ମଣିଷର ପ୍ରତିନିଧିତ୍ୱ କରନ୍ତି। ସେଇଥିପାଇଁ ତାଙ୍କୁ ମଣିଷ ପରି ଭୋଗିବାକୁ ହୁଏ। ମହାବେଦୀରେ ମହାସ୍ନାନ କରିବା ପରେ ସ୍ନାନଜନିତ କ୍ଳାନ୍ତି ଯୋଗୁଁ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୁଅନ୍ତି। ସେଇଥିପାଇଁ ଜିଉଙ୍କୁ ଅଣସର ଘରେ ପୂର୍ଣ୍ଣ ବିଶ୍ରାମ ଦିଆଯାଏ। ସେହି ବିଶ୍ରାମ ସମୟରେ ଜୀଉ ମାନଙ୍କର ଚିକିତ୍ସା କରାଯାଏ। ସାଧାରଣ ମଣିଷଟିଏ ଚିକିତ୍ସା ସମୟରେ ଯେପରି ସଂପୂର୍ଣ୍ଣ ବିଶ୍ରାମ ନିଏ ସେପରି ପ୍ରଭୁଙ୍କ ଚିକିତ୍ସା ସମୟରେ ହିଁ ସମ୍ପୂର୍ଣ୍ଣ ନୀରବତା ରକ୍ଷା କରାଯାଏ। କୋଳାହଳ ଏବଂ ହୋହାଲ୍ଲା ଠାରୁ ଦୂରରେ ରହିବା ପାଇଁ ପ୍ରଭୁଙ୍କର ଏହି ଗୁପ୍ତ ସେବାର ବ୍ୟବସ୍ଥା କରାଯାଏ। ଏହି ପୂଜା ଓ ସେବା ସମୟରେ ଦଇତା ନିଯୋଗ ସଂପୂର୍ଣ୍ଣ ଭାବରେ ସଜାଗ ଥାଆନ୍ତି। ପ୍ରଭୁ ଜଗନ୍ନାଥଙ୍କର ଜ୍ୱର କମାଇବା ପାଇଁ ଦଇତାମାନେ ଚେରମୂଳି ପଣା ପାଣି ସହ ଜଙ୍ଗଲର ଫଳମୂଳ ଆଦି ଜଗନ୍ନାଥଙ୍କୁ ନୈବେଦ୍ୟ ଭାବରେ ଅର୍ପଣ କରିଥାନ୍ତି। ଏସବୁ କାର୍ଯ୍ୟ ଦଇତା ନିଯୋଗମାନେ ସମ୍ପାଦିତ କରିଥାଆନ୍ତି। କାରଣ ଶ୍ରୀଜୀଉମାନେ ଅଣସର ଘରେ ଥିବାବେଳେ ଶ୍ରୀମନ୍ଦିରରେ ଅଭଡ଼ା ଅନ୍ନ ଭୋଗ ହୁଏନା।

ଅଣସର ଘରେ ଜୀଉମାନେ ପନ୍ଦର ଦିନ କାଳ ରହିଥାଆନ୍ତି। ଏହି ସମୟରେ ଦଇତା ସେବାୟତମାନେ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ସେବାପୂଜା, ରୀତିନୀତି କରିଥାଆନ୍ତି। ଏହି ପୂଜା ଏକ ମହାନ ଦାୟିତ୍ୱବୋଧର ବାର୍ତ୍ତାବାହିନୀ। ଆଷାଢ଼ ପ୍ରତିପଦାରୁ ଚତୁର୍ଥୀ ଯାଏ ଅଣସର ଘରେ ଜୀଉଙ୍କ କରାଳ କର୍ମ ଅନୁଷ୍ଠିତ ହୁଏ। ଏହା ହେଉଛି ଦାରୁଦେବତାଙ୍କ ମରାମତି ଓ ଅଙ୍ଗଫିଟା କର୍ମ। ଜୀଉଙ୍କ ଅଙ୍ଗରେ ଥିବା ପୁରୁଣା ବସ୍ତ୍ରକୁ ଫିଟାଇ କରାଳ କର୍ମ ସମ୍ପାଦିତ କରିଥାନ୍ତି। ସେପରି କ୍ରମିକ ସଂଖ୍ୟା ୧୬ରେ ଉଲ୍ଲେଖ ଅଛି ଦତ୍ତ ଖଟଣି ନିଯୋଗମାନେ ଶ୍ରୀମୁଖ ଶୃଙ୍ଗାର କାର୍ଯ୍ୟ ସମ୍ପାଦନା କରିଥାନ୍ତି। ଧର୍ମପଦରେ ଉଲ୍ଲେଖ ଅଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କର ସ୍ନାନ ପୂର୍ଣ୍ଣିମାର ଗୁପ୍ତପୂଜା ଠାରୁ ଆରମ୍ଭ କରି ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପରେ ପୁନରାୟ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ ପୂଜାପାଠ ଏହି ଦଇତା ନିଯୋଗଙ୍କ ଦ୍ୱାରା ସମାପନ ହୋଇଥାଏ। ଆଦିବାସୀ ସଂସ୍କୃତିରେ ଉଲ୍ଲେଖ ଅଛି ପୁରୀରେ ବସବାସ କରୁଥିବା ସମସ୍ତ ଦଇତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବକ। ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣରେ ଏହି ଦଇତାମାନେ ବିନିଯୋଗ ହୋଇଥିଲେ। ଏପରି ମନ୍ଦିର ନିର୍ମାଣ ପାଇଁ ପଥରଖଣ୍ଡ ସେ ବୋହିଥିଲେ। କଥିତ ଅଛି - ଦଇତାମାନେ ହିଁ ଶବର ରାଜ ବିଶ୍ୱାବସୁଙ୍କ ବଂଶଧର। ଏହି ସମୟରେ ପ୍ରତି ମହାପାତ୍ରମାନେ ଭୋଗ ଲଗାନ୍ତି। ପତିମହାପାତ୍ରଙ୍କୁ ବିଦ୍ୟାପତିଙ୍କ ବଂଶଧର ବୋଲି କହନ୍ତି। ପ୍ରଭୁ ଜଗନ୍ନାଥ ଶବର ଦେବତା। ନବକଳେବର ସମୟରେ ତିନି ବାଡ଼ରେ ରହି ଆଜ୍ଞାମାଳ ନେଇ ଦାରୁ ଖୋଜିବା କାର୍ଯ୍ୟ ଆରମ୍ଭ କରନ୍ତି। ଏପରିକି ବନଜାଗ ବେଳେ ବିଦ୍ୟାପତି ରୂପରେ ବରଣ ହୋଇଥାନ୍ତି। ଜାଗ ସମାପନ ପରେ ସୁନା କୁରାଢ଼ିରେ ଦାରୁ ସ୍ପର୍ଶ କରନ୍ତି। ସୁଦର୍ଶନ ଦାରୁର ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି ଏହି ପତି ମହାପାତ୍ର। ତେବେ ବର୍ଷକରେ ଏହି ଗୋଟିଏ ମାସ ଦଇତା ନିଯୋଗଙ୍କ ସେବା ଓ ପୂଜାରେ ଶ୍ରୀଜୀଉମାନେ ସୁସ୍ଥ ହୋଇ ପୁନରାୟ ଏଗାର ମାସ କାଳ ଭକ୍ତଜନଙ୍କୁ ନିବିଡ଼ ଭକ୍ତିଡୋରିରେ ବାନ୍ଧି ଦିଅନ୍ତି।


***ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ୯୧୩୨୪୩୩୩୩୩***


# ନୂଆ ଭାରତର ନୂଆ କାହାଣୀ – ଗ୍ରୋଥ ମାର୍କେଟରୁ ଗ୍ରୋଥ ଇଞ୍ଜିନ ଯାଏ




ଗିରିରାଜ ସିଂହ


ଏକ ରାଷ୍ଟ୍ରର ପ୍ରଗତି କେବଳ ତାର ଆର୍ଥିକ ସୂଚକାଙ୍କରୁ ଜଣା ପଡେନାହିଁ। ବରଂ ଏହାର ବିକାଶରେ ସାଧାରଣ ଜନ ଜୀବନ କେତେ ପ୍ରଭାବିତ, ଗରିମାମୟ ଓ ଆତ୍ମବଳ ପ୍ରାପ୍ତ ହୋଇପାରୁଛି ତାହା ଦେଖିବା କଥା। ଭାରତ କେବଳ ଏକ ଆର୍ଥିକ ସବଳ ଦେଶ ହୋଇ ରହିନାହିଁ ବରଂ ଏହା ଏକ ଜାଗ୍ରତ ସମାଜର ପ୍ରତିଛବି ଯିଏ ଅଗ୍ରସର ହେବା ଜାଣିଛି, ଅତୀତରୁ ଶିକ୍ଷା ଲାଭ କରି ଭବିଷ୍ୟତକୁ ଗଢିବାରେ ସାମର୍ଥ୍ୟ ରଖିଛି।

୨୦୨୪-୨୦୨୫ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୪ ପ୍ରତିଶତରେ ପହଂଚିଛି। ଏହା ଭିତରେ ଭାରତ କେବଳ ସୀମିତ ହୋଇ ରହିନାହିଁ। ବରଂ ଏହା ସେହି କୃଷକ ପାଇଁ ସମ୍ମାନର କଥା ଯିଏ ଆଧୁନିକ ବିଜ୍ଞାନ ସାହାଯ୍ୟରେ ଚାଷ କରି ଏପରି ଅଭିବୃଦ୍ଧି ହାସଲ କରିବାରେ ସହାୟକ ହୋଇପାରିଛି। ଏହା ସେହି ମହିଳା ଉଦ୍ୟୋଗୀଙ୍କ କାହାଣୀ ଯିଏ ସ୍ୱୟଂ ସହାୟକ ମଣ୍ଡଳୀ ଭିତରୁ ନିଜକୁ ବାହାର କରି ଡିଜିଟାଲ ପ୍ଲାଟଫର୍ମରେ ଏବେ ନିଜ ଉତ୍ପାଦ ବିକ୍ରି କରିପାରୁଛି। ଏହା ସେହି ଯୁବ ଇଞ୍ଜିନିୟରର ଆତ୍ମବିଶ୍ୱାସ ଯିଏ ମେକ ଇନ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଚାକିରି ଖୋଜିବା ବଦଳରେ ଆଜି ଚାକିରି ଦେଇପାରୁଛି।

ଆଜି ଭାରତର ସାମଗ୍ରିକ ବିକାଶ ହାର ୬.୫ ପ୍ରତିଶତ। ନୋମିନାଲ ଜିଡିପି ୩୩୦ ଟ୍ରିଲିୟନ ଉପରେ ପହଂଚିଛି। ଲଗାତର ଦୁଇ ମାସ ଧରି ଜିଏସଟି ସଂଗ୍ରହ ୨ ଲକ୍ଷ କୋଟିରେ ପହଂଚିଛି। ଏପ୍ରକାର ଆର୍ଥିକ ଆତ୍ମବଳ କେବଳ ମହାନଗର ଭିତରେ ସୀମିତ ହୋଇ ରହିନାହିଁ। ବରଂ ଏହା ଗ୍ରାମୀଣ, ଦୂର ଦୁରାନ୍ତକୁ ବି ପହଂଚି ପାରିଛି।

ଭାରତରେ ଡିଜିଟାଲ କ୍ରାନ୍ତି ଆସି ସାମାଜିକସ୍ତରରେ ଅଦଭୂତ ପରିବର୍ତ୍ତନ ଆସିପାରିଛି। ଗ୍ରାମାଂଚଳର ଏକ ଯୁବକ ଏବେ ମୋବାଇଲ ମାଧ୍ୟମରେ ବିଭିନ୍ନ ସରକାରୀ ସୁବିଧା ସୁଯୋଗର ଲାଭ ସିଧା ସଳଖ ବ୍ୟାଙ୍କ ଖାତାରେ ପାଇପାରୁଛି। ଯୁବକମାନେ ବି ଅନଲାଇନରେ ପାଠପଢି ନିଜ ସ୍ୱପ୍ନକୁ ପୂରଣ କରିପାରୁଛନ୍ତି। ଆଜି ୟୁପିଆଇ କ୍ଷେତ୍ରରେ ୨୫ ଟ୍ରିଲିୟନରୁ ଅଧିକା କାରବାର ହୋଇ ସାରିଛି। ଏପ୍ରକାର ଡିଜିଟାଲ ପରିବର୍ତ୍ତନ କେବଳ ଏକ ଯାନ୍ତ୍ରିକ ପ୍ରଗତି ନୁହେଁ ବରଂ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ।

ବୈଶ୍ୱିକ ବ୍ୟବସାୟ କ୍ଷେତ୍ରରେ ବି ଭାରତ ଉଲ୍ଲେଖନୀୟ ସଫଳତା ଲାଭ କରିପାରିଛି। କେବଳ ଏପ୍ରିଲ ୨୦୨୫ ସୁଦ୍ଧା ଚୀନଠାରୁ ତିନି ଗୁଣା ଅଧିକା ଭାରତ ୩ ମିଲିୟନ ଆଇଫୋନ ରପ୍ତାନୀ କରି ପାରିଛି। ଏହା ସୂଚାଉଛି ଯେ ଭାରତ କେବଳ ଏକ ମୁକ୍ତ ବଜାର ନୁହେଁ ବରଂ ଗ୍ଲୋବାଲ ଭାଲ୍ୟୁ ଚେନର ଏକ ସ୍ତମ୍ଭ ହେବାରେ ସଫଳ ହୋଇଛି। ଗତ ଦଶନ୍ଧିରେ ଭାରତକୁ କେବଳ ୫୦୦ ବିଲିୟନରୁ ଅଧିକା ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ଆସିଛି। ଏହା ଭାରତବର୍ଷରେ ଆବିଷ୍କାର, ରୋଜଗାର ଓ ଆତ୍ମ ନିର୍ଭରତାର ଦ୍ୱାରକୁ ଉନ୍ମୁକ୍ତ କରିଛି।

ଆମର କୃଷକମାନେ ବି ଏପରି ପରିବର୍ତ୍ତନର ଶକ୍ତିଶାଳୀ ଭାଗୀଦାର ହୋଇ ପାରିଛନ୍ତି। ଆଜି ୫୧ ମିଲିୟନ କୃଷକଙ୍କ ପାଖରେ ଡିଜିଟାଲ କିଷାନ ପ୍ରମାଣପତ୍ର ରହିଛି। ଏହାଦ୍ୱାରା ସେମାନେ ନିଜ ଜମି, ଫସଲ, ଯୋଜନା ସମ୍ପର୍କରେ ସିଧା ଲାଭ ପାଇପାରୁଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ଡିଜିଟାଲ ମଣ୍ଡି, ଆତ୍ମ ନିର୍ଭର କୃଷି ମିଶନ ପରି ଯୋଜନା ଅଧୀନରେ କୃଷକମାନଙ୍କୁ ସହଯୋଗୀ ନୁହେଁ ସହଭାଗୀ କରାଯାଇ ପାରିଛି।

୨୦୧୧-୧୨ରେ ଭାରତର ଦାରିଦ୍ର୍ୟ ହାର ୨୯.୫ ପ୍ରତିଶତରୁ ହ୍ରାସ ପାଇ ୯.୪ ପ୍ରତିଶତରେ ପହଂଚିପାରିଛି। ଏହା କେବଳ ଆର୍ଥିକ ସୁଧାର ନୁହେଁ ବରଂ ସାମାଜିକ ନ୍ୟାୟର ବିସ୍ତାର। ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁସାରେ ଅତ୍ୟନ୍ତ ଗରିବୀର ମାତ୍ରା ଏବେ କେବଳ ୫.୩ ପ୍ରତିଶତରେ ସୀମିତ ରହିଛି। ଉଲ୍ଲେଖନୀୟ ପରିବର୍ତ୍ତନ ହେବା ଫଳରେ ଗରିବର ପିଲା ପ୍ରଥମ କରି ସ୍କୁଲ ଯାଇପାରିଛି। ହାତପାହାନ୍ତାରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପାଇପାରୁଛି।

ଭିତିଭୂମି ନିର୍ମାଣ କ୍ଷେତ୍ରରେ ବି ଭାରତ ଦି ପାଦ ଆଗେଇ ପାରିଛି। ଗୋଟିଏ ବର୍ଷ ଭିତରେ ୧୬୦୦ ଇଞ୍ଜିନ ତିଆରି କରି ଭାରତ ବିଶ୍ୱର ସର୍ବବୃହତ ଲୋକୋମୋଟିଭ ନିର୍ମାତା ହୋଇପାରିଛି। ସେହିପରି ଉର୍ଜ୍ଜା କ୍ଷେତ୍ରରେ ୪୯ ପ୍ରତିଶତ କ୍ଷମତା ନବୀକରଣୀୟ ସୂତ୍ରରୁ ଆସିପାରୁଛି। ଏକ ପ୍ରଗତିଶୀଳ ସମ୍ଭାବନା ଦିଗରେ ଭାରତ ଏବେ ଅଗ୍ରସର ହେଉଛି। କୃତ୍ରିମ ବୁଦ୍ଧିମତା ପରି କ୍ଷେତ୍ରରେ ସାରା ବିଶ୍ୱରେ ଭାରତକୁ ସ୍ୱତନ୍ତ୍ର ପରିଚିତି ମିଳିପାରିଛି। ଓପନ ଏଆଇ ପରି ସଂସ୍ଥା ଭାରତରେ ପ୍ରଥମ ଅନ୍ତରାଷ୍ଟ୍ରିୟ ଏଆଇ ଏକାଡେମୀ ଖୋଲିଛି। ଏହା ଆମ ଯୁବବର୍ଗଙ୍କ ପ୍ରତିଭା ଓ ସମ୍ଭାବନାର ଭରସା ମାତ୍ର।

ନୂଆ ଭାରତର ବିକାଶ ଯାତ୍ରାରେ ଟେକ୍ସଟାଇଲ ସେକ୍ଟରର ବି ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଟେକ୍ସଟାଇଲ ବସ୍ତ୍ରକୁ ବିଶ୍ୱ ଦରବାରରେ ପ୍ରତିସ୍ପର୍ଦ୍ଧୀ କରିବାରେ ନେସନାଲ ଟେକ୍ନିକାଲ ଟେକ୍ସଟାଇଲ ମିଶନ (ଏନଟିଟିଏମ) ଓ ପ୍ରଡକସନ ଲିଙ୍କଡ ଇନସେଟିଭ (ପିଏଲଆଇ) ପରି ଯୋଜନା ପରସ୍ପରର ପରିପୂରକ ହୋଇ ରହିଛନ୍ତି। ଏନଟିଟିଏମ ଅଧୀନରେ ୫୧୦ କୋଟି ଟଙ୍କାର ସହାୟତାରେ ୧୬୮ଟି ଉତ୍ପାଦକୁ ମଞ୍ଜୁରୀ ମିଳିଛି। ଟେକ୍ସଟାଇଲ ଭିତିଭୂମିକୁ ବୈଶ୍ୱିକ ମାନଦଣ୍ଡକୁ ଆଣିବାରେ ଆମ ଦେଶରେ ୭ଟି ପିଏମ ପାର୍କ ସ୍ଥାପନ କରାଯାଉଛି। ଏପରି ପାର୍କରେ ସମ୍ପୂର୍ଣ୍ଣ ଭାଲ୍ୟୁ ଚେନକୁ ପ୍ଲଗ ଆଣ୍ଡ ପ୍ଲେ ମୋଡରେ କାମ କରିବାକୁ ସୁଯୋଗ ମିଳିବ।

ଡବ୍ଲୁଟିଓ ଓ ଡବ୍ଲୁଇଏଫ ପରି ବୈଶ୍ୱିକ ସଂସ୍ଥା କେବଳ ପ୍ରଗତିଶୀଳ ଏକ ଅର୍ଥବ୍ୟବସ୍ଥା ନୁହେଁ ବରଂ ଦେଶର ଗ୍ରୋଥ ଇଞ୍ଜିନର ଭୂମିକା ନିର୍ବାହନ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିଷ୍ଠା, ନୀତି, ଯୋଜନା ସହ ସାଧାରଣ ଜନତାର ସହଭାଗିତା ପାଇଁ ଏହା ସମ୍ଭବପର ହୋଇପାରିଛି।

ଏହି ଯାତ୍ରା କେବଳ ସରକାରଙ୍କର ନୁହେଁ ବରଂ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସମ୍ଭବପର ହୋଇପାରିଛି। ପ୍ରତି ଗାଁ, ପରିବାର ଓ ନାଗରିକଙ୍କ ସହ ଯୋଡି ହୋଇ କରାଯାଇଥିବା ସଂକଳ୍ପ ଯୋଗୁଁ ଏହି ସଫଳତା ମିଳିପାରିଛି। ଭାରତ ଆଜି ଏକ ବିକଳ୍ପ ନୁହେଁ ବରଂ ଆତ୍ମ ନିର୍ଭରତା ଓ ବୈଶ୍ୱିକ ନେତୃତ୍ୱ ଲାଗି ଏକ ପ୍ରେରଣାର ଉତ୍ସ। ଯେବେ ଅମୃତକାଳରେ ବିକଶିତ ଭାରତ ୨୦୪୭ କଥା ଆମେ ଚିନ୍ତା କରୁଛେ ସେବେ ଏହା କେବଳ ଏକ ସଂକଳ୍ପ ଭିତରେ ସୀମିତ ହୋଇ ରହୁନି ବରଂ ସିଦ୍ଧି ପ୍ରାପ୍ତ ହେବାର ସମୟ ଆଡକୁ ଅଗ୍ରସର କରାଉଛି।


***କେନ୍ଦ୍ର ବୟନ ମନ୍ତ୍ରୀ***

## ଘିଅରେ ଫେସ୍‌ପ୍ୟାକ୍



ଘିରେ ଥିବା ଦେଶୀଘିଅ ବା ଗୁଆଘିଅ ଯେ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ସହାୟକ ହୋଇପାରେ- ଏକଥା ଅନେକ ଭାବି ନଥିବେ। ଏହା ସ୍ୱାସ୍ଥ୍ୟ ପାଇଁ ଯେପରି ଉପକାରୀ, ସୌନ୍ଦର୍ଯ୍ୟ ତଥା ତ୍ୱଚା ପାଇଁ ମଧ୍ୟ ସେପରି ଲାଭଦାୟକ। ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଘିଅକୁ ସିଧାସଳଖ ମୁହଁରେ ଲଗାଇ ହାଲ୍ ?କା ମାଲିସ କରିପାରିବେ। ଏହା ଖୁବ୍ ଭଲ ପ୍ରଭାବ ପକାଇଥାଏ। ଘିଅରେ ଫେସ୍ ?ପ୍ୟାକ୍ ? କରି ବ୍ୟବହାର କରିବା ସହଜ ଓ ଉପକାରୀ। ଏଥିପାଇଁ ଏକ ପାତ୍ରରେ କିଛି ସର ନେଇ ତା' ଉପରେ ୨ଛୋଟ ଚାମଚ ଘିଅ ଏବଂ ଅଧା ଚାମଚ ମହୁ ମିଶାଇ ଦେବେ। ଏହାକୁ ଭଲଭାବେ ଗୋଳାଇସାରିବା ପରେ ଚିମୁଟାଏ ହଳଦୀ ପକାଇ ଆଉଥରେ ଗୋଳାଇଦେବେ। ଏହି ମିଶ୍ରଣକୁ ମୁହଁରେ ଲଗାଇ ଅଧଘଣ୍ଟା ରଖିବା ପରେ ଧୋଇ ଦିଅନ୍ତୁ। ଲଗାଇବା ପୂର୍ବରୁ ମଧ୍ୟ ମୁହଁ ଧୋଇ ସଫା କରିଦେବା ଭଲ। ସପ୍ତାହକୁ ଦୁଇଥର ଏହି ଫେସ୍‌ପ୍ୟାକ୍ ବ୍ୟବହାର କରିପାରିବେ। ଲଗାଇବା ପୂର୍ବରୁ ଏସବୁ ସାମଗ୍ରୀ ତ୍ୱଚାରେ କୌଣସି ପ୍ରତିକ୍ରିୟା କରୁଛି କି ନା ଦେଖିନେବା ଜରୁରୀ।

## କେଉଁ ରଙ୍ଗର ପର୍ସ ପାଖରେ ରଖିବେ

**ନୀଳ ରଙ୍ଗର ପର୍ସ:** ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଯଦି ଆପଣ ନୀଳ ରଙ୍ଗର ପର୍ସ ନିଜ ପାଖରେ ରଖୁଛନ୍ତି ତେବେ ଏଥିରୁ ଆପଣଙ୍କ କ୍ୟାରିୟରରେ ଶାନ୍ତି, ମାନସିକ ସ୍ତରରେ ଶାନ୍ତି ଏବଂ ସ୍ଥିରତା ଦେବେ। ଆର୍ଥିକ ସଙ୍କଟକୁ ମଜବୁତ କରିବାରେ ନୀଳ ରଙ୍ଗର ପର୍ସ ମଧ୍ୟ ସହାୟକ ହୋଇଥାଏ।

**ସବୁଜ ରଙ୍ଗ:** ଯଦି ଆପଣ ଚାହାଁନ୍ତି ଯେ ଆର୍ଥିକ ସଙ୍କଟ ଦୂର ହୋଇ ପ୍ରଗତି ହେଉ ତେବେ ଏହି ରଙ୍ଗର ପର୍ସ ନିଜ ପାଖରେ ରଖନ୍ତୁ। ଆୟ ବୃଦ୍ଧି ହେବା ସହ ସବୁର ରଙ୍ଗ ଜୀବନରେ ସକରାତ୍ମକ ପ୍ରଭାବ ପକାଏ।

**ନାଲି ରଙ୍ଗ:** ନାଲି ରଙ୍ଗ ଅଗ୍ନି ଉପାଦାନର ରଙ୍ଗ ବୋଲି ବିବେଚନା କରାଯାଏ। ଯଦି ଜଣେ ବ୍ୟକ୍ତି ଏହି ରଙ୍ଗର ଏକ ପର୍ସ ରଖେ ତେବେ ତାଙ୍କ ଜୀବନରେ ସମୃଦ୍ଧତା ଏବଂ ଖ୍ୟାତି ଅର୍ଜନ ହୋଇଥାଏ। ଏହି ରଙ୍ଗ ଅର୍ଥକୁ ଆକର୍ଷିତ କରିବାରେ ମଧ୍ୟ ସହାୟକ ହୋଇଥାଏ। କିନ୍ତୁ ନାଲି ଅଗ୍ନି ଉପାଦାନର ରଙ୍ଗ ହେତୁ ଏହା ଆପଣଙ୍କର ଖର୍ଚ୍ଚ ମଧ୍ୟ ବଢାଇପାରେ।

**ବାଦାମୀ ରଙ୍ଗ:** ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ବାଦାମୀ ରଙ୍ଗ ପୃଥିବୀକୁ ପ୍ରତିନିଧିତ୍ୱ କରିଥାଏ। ଏହି ରଙ୍ଗର ପର୍ସ ରଖିବା ଦ୍ୱାରା ଆପଣଙ୍କୁ ଆର୍ଥିକ ରୂପରେ ମଜବୁତ ହେବାର ଶକ୍ତି ମିଳିଥାଏ।

**ହଳଦିଆ ରଙ୍ଗ:** ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଯଦି ଆପଣ ହଳଦିଆ ରଙ୍ଗ ପର୍ସ ରଖୁଛନ୍ତି ତେବେ ଆର୍ଥିକ ଅଭାବ ଦୂର ହେବା ସହ ଆପଣଙ୍କୁ ମଜବୁତ କରିବ। ଜୀବନରେ ସୁଖ ଏବଂ ସମୃଦ୍ଧତା ବୃଦ୍ଧି ପାଇବ। ହଳଦିଆ ରଙ୍ଗ ସୂର୍ଯ୍ୟଙ୍କ ରଙ୍ଗ ବୋଲି ବିବେଚନା କରାଯାଏ।

**କମଳା ରଙ୍ଗ:** ଜ୍ୟୋତିଷ ଶାସ୍ତ୍ର ଅନୁସାରେ କମଳା ରଙ୍ଗ ଜୀବନ୍ତ ଏବଂ ଶକ୍ତିରେ ପରିପୂର୍ଣ୍ଣ ହୋଇଥାଏ। ଯେଉଁ ବ୍ୟକ୍ତି ଏହି ରଙ୍ଗର ପର୍ସ ନିଜ ପାଖରେ ରଖନ୍ତି ସେମାନଙ୍କ ଜୀବନରେ ସଫଳତା, ମାନ-ସମ୍ମାନର କୌଣସି ଅଭାବ ରହିନଥାଏ।

# ସିଙ୍ଗଲ୍ ଚାଇଲ୍ଡ ଥିଲେ...

*ଆଜିକାଲି ଅନେକଙ୍କର ପସନ୍ଦ ସିଙ୍ଗଲ ଚାଇଲ୍ଡ। କ୍ୟାରିୟର ପାଇଁ ହେଉ ବା ଆର୍ଥିକ ଚାପ ଅବା ଲାଳନପାଳନର ଅସୁବିଧା ଯୋଗୁ ସେମାନେ ଏମିତି ପସନ୍ଦ ବାଛି ନେଉଛନ୍ତି। ଯାହାଦ୍ୱାରା ଆଗାମୀ ଦିନରେ ଅନେକ ପ୍ରକାରର ଅସୁବିଧାକୁ ସାମ୍ନା କରିବାକୁ ପଡିଥାଏ। ତେଣୁ ସିଙ୍ଗଲ ଚାଇଲ୍ଡ ହୋଇଥିଲେ ପିତାମାତାଙ୍କୁ ସ୍ୱତନ୍ତ୍ରଭାବେ ଯତ୍ନ ନେବାକୁ ହେବ।*

ଘରେ ଅଧିକ ପିଲା ଏକାଠି ରହିଲେ ସେମାନେ ପରସ୍ପର ସହିତ ମିଶିବା, ଖେଳିବା, ଶେୟାର କରିବା, ଦାୟିତ୍ୱବୋଧ ଓ ଅନ୍ୟାନ୍ୟ ସୋସିଆଲ ସ୍କିଲ ବିଷୟରେ ବିଭିନ୍ନ କଥା ସହଜରେ ଶିଖି ପାରନ୍ତି। କିନ୍ତୁ ଗୋଟିଏ ସନ୍ତାନ ଥିଲେ ଲାଳନପାଳନ ପ୍ରାୟତଃ କଷ୍ଟସାଧ୍ୟ ହୋଇଥାଏ। ଅନେକ ସମୟରେ ଏଭଳି କ୍ଷେତ୍ରରେ ପିଲାମାନେ ଏକୁଟିଆପଣର ଶିକାର ହୋଇଥାନ୍ତି। ବେଳେବେଳେ ସେମାନେ ଜିଦିଆ ହୋଇଯାନ୍ତି କିମ୍ବା ବୟସ ପୂର୍ବରୁ ଅଧିକ ମ୍ୟାଚୋର ହୋଇଥାନ୍ତି। ତେଣୁ ସିଙ୍ଗଲ ଚାଇଲ୍ଡଙ୍କ କ୍ଷେତ୍ରରେ ଅଭିଭାବକଙ୍କୁ ଅଧିକ ସତର୍କ ହେବାକୁ ପଡିବ।

ଓଭର ପ୍ରୋଟେକ୍ଟିଭ୍: ପିଲାଙ୍କ ପାଇଁ ପ୍ରୋଟେକ୍ଟିଭ୍ ହେବା ଭଲ କିନ୍ତୁ ଓଭର ପ୍ରୋଟେକ୍ଟିଭ୍ ହେବା ଠିକ୍ ନୁହେଁ। ସିଙ୍ଗଲ ଚାଇଲ୍ଡଙ୍କ କ୍ଷେତ୍ରରେ ପ୍ରାୟତଃ ଅଭିଭାବକମାନେ ଅଧିକ ଯତ୍ନ କିରବାକୁ ଚେଷ୍ଟା କରନ୍ତି। ସେମାନଙ୍କୁ କୌଣସି କାମ କରିବାକୁ ଦିଅନ୍ତି ନାହିଁ। ବରଂ ସେମାନଙ୍କର ପ୍ରତିଟି କାମରେ ହସ୍ତକ୍ଷେପ କରିଥାନ୍ତି ଯେପରି ପିଲାକୁ କୌଣସି ପ୍ରକାରର ଆଘାତ ଅବା କଷ୍ଟ ନ ହେବ। ସିଙ୍ଗଲ ଚାଇଲ୍ଡ ହୋଇଥିବାରୁ ଅଭିଭାବକ ସମସ୍ତ ସୁଖ ସୁବିଧା ଦେବାପାଇଁ ଚେଷ୍ଟା କରନ୍ତି ଏବଂ ସେମାନଙ୍କ ଭୁଲ୍‌କୁ ପ୍ରାୟତଃ ଅଣଦେଖା କରିଥାନ୍ତି। ଫଳରେ ସେମାନଙ୍କ ଭିତରେ ଏକ ଖରାପ ଗୁଣର ବିକାଶ ହୋଇଥାଏ। ପିଲାର ସମ୍ପୂର୍ଣ୍ଣ ବିକାଶରେ ବି ବାଧା ସୃଷ୍ଟି ହୋଇଥାଏ। ତେଣୁ ସେମାନଙ୍କୁ ଏକୁଟିଆ କିଛି କରିବା ପାଇଁ ଛାଡନ୍ତୁ। କିଛି ଭୁଲ୍ କାମ କରିଲେ ସେମାନଙ୍କୁ ଶିଖିବା ପାଇଁ କୁହନ୍ତୁ। ନଚେତ୍ ଭବିଷ୍ୟତରେ କୌଣସି ନିଷ୍ପତ୍ତି ନେବାପାଇଁ ସେମାନେ ସକ୍ଷମ ହେବେ ନାହିଁ।

ସୋସିଆଲ ସ୍କିଲ୍ ବଢ଼ାନ୍ତୁ: ସାଧାରଣତଃ ଦେଖାଯାଏ କି ସିଙ୍ଗଲ ଚାଇଲ୍ଡ ନିଜ କମ୍ଫର୍ଟ ଜୋନ୍‌ରୁ ବାହାରି ଅନ୍ୟମାନଙ୍କ ସହ ମିଶିବାକୁ ବେଶି ପସନ୍ଦ କରନ୍ତି ନାହିଁ। ସେମାନେ ଚାହାନ୍ତି କି ସେମାନଙ୍କ ସାଙ୍ଗମାନେ ବି ତାଙ୍କ ଭଳି ସବୁକିଛି କରନ୍ତୁ। ଏଭଳି ପ୍ରକୃତି ପାଇଁ ସେମାନେ ଭବିଷ୍ୟତରେ କାହା ସହ ମିଶି ନ ପାରି ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏଭଳି କ୍ଷେତ୍ରରେ ଅଭିଭାବକଙ୍କୁ ହିଁ ପିଲାଙ୍କୁ ବୁଝାଇବାକୁ ପଡ଼ିବ ଯେ ବନ୍ଧୁମାନଙ୍କ ସହ କିପରି ଚଳିବାକୁ ହେବ। ଏହା ସହ ଅନ୍ୟର ଇମୋସନକୁ ବି ବୁଝିବାକୁ ହେବ। ତେଣୁ ସାଙ୍ଗମାନଙ୍କ ଘର କିମ୍ବା ସମ୍ପର୍କୀୟଙ୍କ ଘରକୁ ବୁଲାଇବାକୁ ନିଅନ୍ତୁ। ଫଳରେ ପିଲାଟି ଅନ୍ୟମାନଙ୍କ ଘରେ ଅବା ଏକ ଭିନ୍ନ ପରିବେଶରେ ଆଡଜଷ୍ଟ କରିବା ଶିଖିପାରିବ।

ବ୍ୟବହାର ଶିଖାନ୍ତୁ: ସିଙ୍ଗଲ ଚାଇଲ୍ଡଙ୍କ କ୍ଷେତ୍ରରେ ପ୍ରାୟତଃ ଅଭିଭାବକମାନେ ହିଁ ସେମାନଙ୍କର ସବୁ କାମ କରି ଦେଇଥାନ୍ତି। ଯଦି ଉଭୟେ କର୍ମଜୀବୀ, ତେବେ ଘରେ କାମ ପାଇଁ ସହାୟିକା ନିଯୁକ୍ତ କରି ଦେଇଥାନ୍ତି। ତେଣୁ ପିଲାଟି ନିଜର କୌଣସି କାମ କରିବା ଶିଖିପାରେ ନାହିଁ। ସବୁବେଳେ ଅନ୍ୟ ଉପରେ ନିର୍ଭର କରିଥାଏ। ଏହା ବ୍ୟତୀତ ନିଜ ପୋଷାକପତ୍ର, ବହି ଓ ଖେଳନା ଆଦି ସବୁ କିଛି ସଜାଡ଼ି ରଖିପାରନ୍ତି ନାହିଁ। ତେଣୁ ଏସବୁ ଦିଗକୁ ଦୃଷ୍ଟିଦେବା ସହ ପିଲାଙ୍କୁ ଭଲ ବ୍ୟବହାର ମଧ୍ୟ ଶିଖାଇବାକୁ ପ୍ରୟାସ କରିବା ଜରୁରୀ।

ସମୟ ବିତାନ୍ତୁ: ପିତାମାତା ଉଭୟ କର୍ମଜୀବୀ ହୋଇଥିଲେ ସିଙ୍ଗଲ ଚାଇଲ୍ଡ ଅନେକ ସମୟରେ ଏକୁଟିଆପଣର ଶିକାର ହୋଇଥାନ୍ତି। ତେଣୁ ଅଭିଭାବକଙ୍କୁ ସମୟ ବାହାରକରି ପିଲାଙ୍କ ସହ କଟାଇବା ଜରୁରୀ। ଅଫିସ୍ କାମ ସାରିବା ପରେ ଟିଭି କିମ୍ବା ଫୋନ୍‌ରେ ବେଶି ସମୟ ନଷ୍ଟ ନ କରି ପିଲାଙ୍କୁ ସମୟ ଦିଅନ୍ତୁ। ପିଲାଙ୍କ ସହ କଥାବାର୍ତ୍ତା ହୁଅନ୍ତୁ ସେମାନଙ୍କର ଦିନ ସାରାର କାମ ବିଷୟରେ ବୁଝନ୍ତୁ। ନିଜ କଥା ବି କୁହନ୍ତୁ ଏବଂ ସେମାନଙ୍କୁ ପରିସ୍ଥିତି ଅନୁଭବ କରିବାକୁ ଦିଅନ୍ତୁ। ଫଳରେ ପିଲାଙ୍କ ସହ ସମ୍ପର୍କ ମଜଭୁତ ହୋଇପାରିବ।



ସ୍ୱାଧୀନତା ଦିଅନ୍ତୁ: ଅନେକ ସମୟରେ ଅଭିଭାବକମାନେ ନିଜ ଇଚ୍ଛା ଅନୁସାରେ ପିଲାଙ୍କୁ କ୍ୟାରିୟର କରିବା ପାଇଁ ବାଧ କରନ୍ତି। ସିଙ୍ଗଲ ଚାଇଲ୍ଡ ହୋଇଥିଲେ ଏମିତି ଇଚ୍ଛା ଆହୁରି ଅଧିକ ହୋଇଥାଏ। ନିଜ ସ୍ୱପ୍ନକୁ ପୂରା କରିବା ପାଇଁ ସେମାନେ ପିଲାକୁ ପ୍ରସ୍ତୁତ କରାନ୍ତି। ମାତ୍ର ଏହା ଭବିଷ୍ୟତରେ ସେମାନଙ୍କ ପାଇଁ ବହୁ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏ କ୍ଷେତ୍ରରେ ପିଲାର ଇଚ୍ଛାକୁ ଗୁରୁତ୍ୱ ଦିଅନ୍ତୁ।

ଏକୁଟିଆ ଛାଡ଼ନ୍ତୁ: ପ୍ରାୟତଃ ସିଙ୍ଗଲ ଚାଇଲ୍ଡଙ୍କ ମାଆମାନେ ସେମାନଙ୍କୁ ସବୁବେଳେ ଜଗିଥାନ୍ତି। ବାହାରକୁ ବୁଲିବା ପାଇଁ ଯିବା କିମ୍ବା ସାଙ୍ଗସାଥୀମାନଙ୍କ ଘରକୁ ଯିବା, ପାର୍ଟି କରିବା ପାଇଁ ବାରଣ କରିଥାନ୍ତି। ଏପରି ହେଲେ ପିଲା ଭଲମନ୍ଦ ବିଚାର କରିବା ସାମର୍ଥ୍ୟ ହରାଇ ବସେ। କିଛି ବି କରିବା ପାଇଁ ସେ ମାତାପିତାଙ୍କର ସହଯୋଗ ଆବଶ୍ୟକ କରେ। ତେଣୁ ପିଲାକୁ ଏକୁଟିଆ ଘରୁ ବାହାରକୁ ଯିବାକୁ ଦିଅନ୍ତୁ। କିଛି କାମ ଦିଅନ୍ତୁ। ବାହାରୁ ଜିନିଷ କିଣିବା କିମ୍ବା ଅନ୍ୟ ଛୋଟ କାମ ଏକା କରିବାକୁ କୁହନ୍ତୁ। ଏଭଳି କରିବା ଦ୍ୱାରା ପିଲାର ଆତ୍ମବିଶ୍ୱାସ ଦୃଢ଼ ହେବ।

# ଟ୍ରେଣ୍ଡି ଷ୍ଟୋଲ୍





**ଷ୍ଟୋଲ୍ ଯୁବତୀଙ୍କର ପର୍ସନାଲିଟିକୁ ବଢ଼ାଇବାରେ ସାହାଯ୍ୟ କରିଥାଏ। ତେବେ ଷ୍ଟୋଲ୍‌ର କ'ଣ ସବୁ ଲାଟେଷ୍ଟ ଟ୍ରେଣ୍ଡ ରହିଛି, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

- ଲିଓପାର୍ଡ ପ୍ରିଣ୍ଟ ଷ୍ଟୋଲ୍: ଲିଓପାର୍ଡ ପ୍ରିଣ୍ଟ ଯେକୌଣସି ଆଉଟ୍‌ଫିଟ୍‌କୁ ଡିଫରେଣ୍ଟ ଲୁକ୍ ଦେଇଥାଏ। ତେଣୁ ଏହି ପ୍ରିଣ୍ଟର ଷ୍ଟୋଲ୍‌ର ଚାହିଦା ସବୁବେଳେ ରହି ଆସିଛି। ଖାସ୍ କରି ଏହି ଷ୍ଟୋଲ୍‌କୁ ଟ୍ରେଞ୍ଚ କୋଟ୍ କିମ୍ବା ଯେକୌଣସି ଉଲେନ୍ ଟପ୍ସ ସହ ମ୍ୟାଚ୍ କରି ପିନ୍ଧିଲେ ଶୀତରୁ ରକ୍ଷା ପାଇବା ସହ କ୍ଲାସି ଲୁକ୍ ମିଳିଥାଏ।
- ପମ୍ ପମ୍ ଷ୍ଟୋଲ୍: ପମ୍ ପମ୍ ଡିଜାଇନ୍‌ର ଜୁଏଲେରି ଓ ଆଉଟ୍‌ଫିଟ୍ ତ ଅନେକ ଟ୍ରାଏ କରିଥିବେ, ଏଥର ଟିକେ ପମ୍ ପମ୍ ଡିଜାଇନ୍ ବାଲା ଷ୍ଟୋଲ୍‌କୁ ତ ବ୍ୟବହାର କରନ୍ତୁ। ଏହା ଖୁବ୍ ସୁନ୍ଦର ଦେଖାଯାଇଥାଏ। ବିଶେଷକରି ସିମ୍ପଲ୍ କାମ ହୋଇଥିବା ଉଲେନ୍ ଟପ୍ସ ସହ ଏହା ଭଲ ମାନିଥାଏ।
- ମଲ୍ଟିକଲର୍ ଷ୍ଟୋଲ୍: ଆପଣ ଚାହିଁଲେ ମଲ୍ଟିକଲର୍ ଷ୍ଟୋଲ୍‌କୁ ବି ଏଥର ଶୀତଦିନେ ବ୍ୟବହାର କରିପାରିବେ। ଏହା କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ତା'ଛଡ଼ା ଏହାକୁ ଯେ କୌଣସି ଡ୍ରେସ୍ ସହ ମ୍ୟାଚିଂ କରି ବ୍ୟବହାର କରିହୁଏ। ଆପଣ ଚାହିଁଲେ ଏହାକୁ ଉଲେନ୍ ଟପ୍ସ କିମ୍ବା ବ୍ଲେଜ୍ ଅବା ଶାଢ଼ି ସହିତ ବି ଟ୍ରାଏ କରିପାରିବେ। ସେହିପରି ଏହି ଗେଟ୍‌ଅପ୍ ସହିତ ଲଙ୍ଗ୍ ବୁଟ୍ସ ପିନ୍ଧିଲେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିଥାଏ।
- ଫ୍ଲୋରାଲ୍ ଡିଜାଇନ୍ ଷ୍ଟୋଲ୍: ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ସବୁବେଳେ ରିଫ୍ରେଶିଙ୍ଗ୍ ଲୁକ୍ ଦେଇଥାଏ। ସେହି ଅନୁଯାୟୀ, ଫ୍ଲୋରାଲ୍ ଡିଜାଇନ୍‌ର ଷ୍ଟୋଲ୍ ବି ଲୁକ୍‌କୁ ଆଟ୍ରାକ୍ଟିଭ୍ କରିବା ସହ ଶୀତ ଦାଉରୁ ରକ୍ଷା କରିବାରେ ଅନେକ ସାହାଯ୍ୟ କରିଥାଏ। ଖାସ୍ କରି ବେକ ଚାରିପଟେ ଏହି ଡିଜାଇନ୍‌ର ଷ୍ଟୋଲ୍‌କୁ ଷ୍ଟାଇଲିଶ୍ ୱେରେ କ୍ୟାରି କଲେ ଲୁକ୍ ଅଧିକ ସୁନ୍ଦର ଦେଖାଯାଇଥାଏ।
- ଏମ୍ବ୍ରୋଡୋରୀ ଷ୍ଟୋଲ୍: ଏମ୍ବ୍ରୋଡୋରୀ କାମ ହୋଇଥିବା ଯେ କୌଣସି ଆଉଟ୍‌ଫିଟ୍ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଠିକ୍ ସେମିତି ଏମ୍ବ୍ରୋଡୋରୀ କାମ ହୋଇଥିବା ଷ୍ଟୋଲ୍ ବି ଲୁକ୍‌କୁ ସୁନ୍ଦର କରିବାରେ ବେଶ୍ ସହାୟକ ହୋଇଥାଏ। ତେବେ ଏହି ଷ୍ଟାଇଲ୍‌ର ଷ୍ଟୋଲ୍‌କୁ ଖାସ୍ କରି ସାଲୱାର୍ କମିଜ୍ କିମ୍ବା ଲଙ୍ଗ୍ ସ୍କର୍ଟ ଓ ଟପ୍ସ ସହ ପେୟାର୍ କରି ପିନ୍ଧିଲେ ସୁନ୍ଦର ଦେଖାଯାଇଥାଏ।
- ଫକ୍ସ ଫର୍ ନେକ୍ ୱାର୍ମ: ଏହି ଷ୍ଟୋଲ୍ ମୁଖ୍ୟତଃ ଦେଖିବାକୁ ଲୋମଶ ଡିଜାଇନ୍‌ର ହୋଇଥାଏ। ଯାହାକୁ ଷ୍ଟାଇଲ୍‌ରେ ବେକ ଚାରିପଟେ ପକାଇଲେ ବେକ ଓ ଗାଲକୁ ବେଶ୍ କୋମଳ ଲାଗିବା ସହ ମଡର୍ନ ଲୁକ୍ ମିଳିଥାଏ। ତା' ସହିତ ଏହାକୁ ବ୍ୟବହାର କଲେ ଶରୀରକୁ ଉଷ୍ମତା ମିଳିଥାଏ। ତେବେ ଏହି ଷ୍ଟାଇଲିଶ୍ ଷ୍ଟୋଲ୍‌କୁ ବ୍ଲେଜ୍, କୋଟ୍ କିମ୍ବା ପାର୍ଟି ଡ୍ରେସ୍ ସହ ମ୍ୟାଚିଂ କରି ପିନ୍ଧିଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ।





## ପ୍ରେମିକା ରାଗିଥିବା ବେଳେ ଭୁଲ୍‌ରେ ବି କୁହନ୍ତୁ ନାହିଁ ଏହି ୫ କଥା

*ଯେଉଁ ସମ୍ପର୍କରେ ଝଗଡ଼ା, ବାଦ ବିବାଦ ନ ଥାଏ, ତାହା ହୃଦୟରୁ ନୁହେଁ କେବଳ ମନରୁ ବୋଲି କହିପାରିବା। ହେଲେ ଅନେକ ସମୟରେ ପ୍ରେମିକଙ୍କ କିଛି କଥାକୁ ନେଇ ପ୍ରେମିକା ଅତ୍ୟଧିକ ରାଗି ଯାଇଥାନ୍ତି। ଏହାପରେ ପ୍ରେମିକ ତାଙ୍କୁ ବୁଝାଇବାରେ ଲାଗି ପଡ଼ନ୍ତି। ହେଲେ ସେହି ସମୟରେ ନିଜର କଥା ଉପରେ ସଂଯମତା ଲୋଡ଼ା। ନହେଲେ ସମ୍ପର୍କ ତୁଟି ଯିବା ତଥା ବ୍ରେକଅପ୍ର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଆସନ୍ତୁ ଜାଣିବା ରାଗିଥିବା ପ୍ରେମିକାଙ୍କୁ କ'ଣ କହିବା ଅନୁଚିତ।*

-ସବୁ ବେଳେ ଏମିତି ନାଟକ: କିଛି ସମ୍ପର୍କରେ ଛୋଟ ଛୋଟ କଥାରେ ଝଗଡ଼ା ହୋଇଯାଏ। ସେହିଭଳି ଶୀଘ୍ର ସେମାନଙ୍କର ମନୋମାଳିନ୍ୟ ଦୂର ମଧ୍ୟ ହୋଇଯାଇଥାଏ। ଏଣୁ ଝଗଡ଼ା ସମୟରେ କେବେହେଲେ ପ୍ରେମିକାଙ୍କୁ 'ସବୁବେଳେ ତୁମର ଏମିତି ନାଟକ' ବୋଲି କୁହନ୍ତୁ ନାହିଁ। ଏହା ବେଶ ପ୍ରଭାବ ପକାଇବ।

-ତୁମେ ଭଲପାଇବାର ଯୋଗ୍ୟ ନୁହଁ: ପ୍ରେମିକାଙ୍କ ସହ ଝଗଡ଼ା ବେଳେ 'ତୁମକୁ ଛୋଟ ଛୋଟ କଥାରେ ଝଗଡ଼ା କରିବାକୁ ଭଲ ଲାଗେ। ତୁମେ ଭଲପାଇବାର ଯୋଗ୍ୟ ନୁହେଁ ବୋଲି ପ୍ରେମିକ କହିଥାନ୍ତି। ହେଲେ କଦାପି ଏଭଳି କଥା ନିଜ ସାଥୀଙ୍କୁ କହିବା ଉଚିତ ନୁହେଁ।

-ରାଗି ଥାଅ, ଯେତେବେଳେ ମନ ହେବ କଥା ହେବ: ଅନେକ ସମୟରେ ଝଗଡ଼ା ବେଳେ ପ୍ରେମିକା ତାଙ୍କୁ ପ୍ରେମିକ ବୁଝନ୍ତି ବୋଲି ଚାହିଥାନ୍ତି। ଏମିତିରେ ରାଗି ଥାଅ, ଯେତେବେଳେ ମନ ହେବ କଥା ହେବ ବୋଲି କହିବା ଭୁଲ।



## ଘରେ କରନ୍ତୁ ହେୟାର ସ୍ପା

**ଶୁଷ୍କ ଓ ରୁପି ସମସ୍ୟା ଦୂରକରିବା ଲାଗି ଆପଣ ହେୟାର ସ୍ପା କରିପାରିବେ। ତେବେ ବ୍ୟୁଟିପାର୍ଲର ଯାଇ ଏଥିପାଇଁ ଅଧିକ ଖର୍ଚ୍ଚ କରିବା ଅପେକ୍ଷା ଆପଣ ଘରେ ମଧ୍ୟ ହେୟାର ସ୍ପା କରି ମଜଭୁତ ଓ ସୁନ୍ଦର କେଶ ପାଇପାରିବେ...**

କୋକୋନଟ୍ କ୍ରିମ୍ ସ୍ପା: କେଶ ପାଇଁ ନଡ଼ିଆତେଲ କେତେ ଭଲ ସମସ୍ତେ ଜାଣନ୍ତି। କେବଳ ତେଲ ନୁହେଁ, ନଡ଼ିଆକୁ ବ୍ୟବହାର କରି ଆପଣ ହେୟାର ସ୍ପା କରିପାରିବେ। ନଡ଼ିଆକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରଥମେ ଏକ ଟାୱେଲକୁ ଗରମପାଣିରେ ବୁଡ଼ାଇ କେଶକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ଦିଅନ୍ତୁ। ଏହାପରେ ପେଷ୍ଟକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୧ରୁ ଦେଢଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ। ଏହାକୁ ମାଇଲ୍ଡ ଶାମ୍ପୁ ବ୍ୟବହାର କରି ଭଲ ଭାବେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ସ୍ପା କଲେ ନଡ଼ିଆରେ ଥିବା ଭିଟାମିନ୍ ବି୧, ବି୩, ବି୬, ସି, ଇ ସହିତ ଥିବା ଅନେକ ମିନେରାଲ୍ସ ତତ୍ତ୍ୱ କେଶକୁ ମଜଭୁତ କଳା ଏବଂ ଚମକପ୍ରଦ କରିଥାଏ।



କକୁମ୍ବର ହେୟାର ସ୍ପା: ପ୍ରଥମେ ଗୋଟିଏ କାକୁଡ଼ିକୁ ଛୋଟ ଛୋଟ କାଟି ସେଥିରେ ଏକ ଚାମଚ ଅଲିଭ ଅଏଲ ପକାଇ ଗ୍ରାଇଣ୍ଡିଂ କରିନିଅନ୍ତୁ। କେଶକୁ ୧୦ମିନିଟ୍ ଷ୍ଟିମ୍ ଦେବା ପରେ ଏହି ପେଷ୍ଟକୁ ଭଲ ଭାବେ ଲଗାଇଦିଅନ୍ତୁ। ଅଧଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ଲଗାଇ ଧୋଇଦିଅନ୍ତୁ। ଏହାକୁ ଲଗାଇଲେ କେଶ ଝଡ଼ିବା କିମ୍ବା ଶୁଷ୍କ ହେବା ଭଳି ସମସ୍ୟା ଦୂର ହୋଇଥାଏ।

ବିଅର ସ୍ପା: ଏକ କାଚ ଗିନାରେ ଅଧା ପର୍ଯ୍ୟନ୍ତ ବିଅର ନେଇ ରାତି ସାରା ରଖି ଦିଅନ୍ତୁ। ଏପରି କଲେ ତାହା ଅଳ୍ପ ଗାଢ଼ ହୋଇଯିବ। କେଶକୁ ୧୦ ମିନିଟ୍ ଷ୍ଟିମ୍ ଦେବା ପରେ ମାଇଲ୍ଡ ଶାମ୍ପୁରେ ଧୋଇ ଦିଅନ୍ତୁ। ବର୍ତ୍ତମାନ ପୂର୍ବରୁ ରଖାଯାଇଥିବା ବିଅରକୁ କେଶରେ ଭଲ ଭାବେ ମସାଜ କରନ୍ତୁ। ୧୦-୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହା କେଶକୁ ମଜଭୁତ ଓ ସାଇନିଂ କରିବାରେ ସାହାଯ୍ୟ କରେ।

ମାତୃଭାଷା

# ଖେଳ ଖବର



## ଆଇସିସି ଆଗରେ ଦୋଷ ସ୍ୱୀକାର କଲେ ପନ୍ତ

**ଲିଡ୍ସ,୨୪।୬:** ଭାରତର ଉଇକେଟ୍‌କିପର-ବ୍ୟାଟର ରିଷଭ ପନ୍ତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ଭର୍ତ୍ସିତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିବସ ଖେଳ ବେଳେ ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ। ଏହାଦ୍ୱାରା ସେ ଆଇସିସି ଆଚରଣବିଧିର ଧାରା-୧ ଉଲ୍ଲଂଘନ କରିଛନ୍ତି। ୨୭ ବର୍ଷୀୟ ପନ୍ତ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ପନ୍ତଙ୍କୁ ଭର୍ତ୍ସନା କରିବା ସହ ୨୪ ମାସ ମଧ୍ୟରେ ଏହା ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ତାଙ୍କ ଶୃଙ୍ଖଳାଗତ ଖାତାରେ ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଗକରାଯାଇଛି।

ଏହି ଘଟଣା ଇଂଲଣ୍ଡ ଇନିଂସର ୬୧ତମ ଓଭରରେ ହ୍ୟାରୀ ବ୍ରୁକ୍ ଓ ବେନ୍ ଷ୍ଟୋକ୍ସ ବ୍ୟାଟିଂ କରୁଥିବା ସମୟରେ ବଲ୍‌ର କଣ୍ଡିଶନକୁ ନେଇ ଅମ୍ପାୟରଙ୍କ ସହ ଆଲୋଚନା ବେଳେ ଦେଖିବାକୁ ମିଳିଥିଲା। ଅମ୍ପାୟର ବଲ୍‌ର ଗେଜ୍‌କୁ ଯାଞ୍ଚ କରିବା ପରେ ଏହାକୁ ବଦଳାଇବା ଲାଗି ମନା କରିଦେବାରୁ ଉଇକେଟ୍‌କିପର ଜଣକ ଅସହମତି ପ୍ରକାଶ କରିବା ସହ ଅମ୍ପାୟରଙ୍କ ସାମ୍‌ନାରେ ବଲ୍‌କୁ ଗ୍ରାଉଣ୍ଡ ଭିତରକୁ ଫିଙ୍ଗି ଦେଇଥିଲେ। ପନ୍ତ ତାଙ୍କ ଦୋଷ ସ୍ୱୀକାର କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା।

### ହକି ଇଣ୍ଡିଆ ମାଷ୍ଟର୍ସ କପ୍

## ସେମିରେ ଓଡ଼ିଶା ପୁରୁଷ ଦଳ



**ଭୁବନେଶ୍ୱର,୨୪।୬:** ଚେନ୍ନାଇରେ ଚାଲିଥିବା ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ରେ ଓଡ଼ିଶା ପୁରୁଷ ଦଳ ସେମି ଫାଇନାଲରେ ପ୍ରବେଶ କରିଛି । ସେମିତି ଓଡ଼ିଶା ମହିଳା ଦଳ ହରିଆନାକୁ ହରାଇଛି ।

ଓଡ଼ିଶା ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ୬-୨ ଗୋଲରେ ଆନ୍ଧ୍ର ପ୍ରଦେଶକୁ ପରାଜିତ କରିଥିଲା । ଲାଜରୁସ ବାର୍ଲା (୫, ୩୬ ମିନିଟ) ଏବଂ ଅନୀଲ କୁଲୁ (୫୧, ୫୯ ମିନିଟ) ୨ଟି ଲେଖାଏଁ ଗୋଲ୍ ଦେଇ ଦଳକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ୧୦ ମିନିଟରେ ସାଣ୍ଟିଏଲ ମୁଣ୍ଡା ଏବଂ ୨୧ ମିନିଟରେ ସାଇପ୍ରିୟାନ କେର୍କେଟା ଗୋଲ ଦେଇଥିଲେ ।

ମହିଳାରେ ଓଡ଼ିଶା ୩-୨ ଗୋଲରେ ହରିଆନାକୁ ପରାସ୍ତ କରିଥିଲା । ରଞ୍ଜିତା ବେକ୍ (୫, ୩୭) ଡବଲ ଏବଂ ସରିତା ରୋଶନ ମିଞ୍ଜ (୧୧) ଗୋଟିଏ ଗୋଲ୍ ଦେଇ ଦଳକୁ ଜିତାଇଥିଲେ ।

# ପ୍ରଥମ ଟେଷ୍ଟକୁ ୫ ୱିକେଟ୍‌ରେ ଜିତିଲା ଇଂଲଣ୍ଡ



| ଭାରତ ପ୍ରଥମ ଇନିଂସ: ୪୭୧/୧୦ (୧୧୩ ଓଭର) | | | |
|---|---|---|---|
| ଇଂଲଣ୍ଡ ପ୍ରଥମ ଇନିଂସ: ୪୬୫/୧୦ (୧୦୦.୪ ଓଭର) | | | |
| ଭାରତ ଦ୍ୱିତୀୟ ଇନିଂସ: ୩୬୪/୧୦ (୯୬ ଓଭର) | | | |
| ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୭୩/୫ (୮୨ ଓଭର) | | | |
| ଜ୍ୟାକ୍ କ୍ରାଉଲି | କ୍ୟା ରାହୁଲ ବୋ ପ୍ରସିଦ୍ଧ | ୬୫ | ୧୨୬ |
| ବେନ ଡକେଟ୍ | କ୍ୟା ନୀତିଶ ବୋ ସାର୍ଦ୍ଦୁଲ | ୧୪୯ | ୧୭୦ |
| ଓଲି ପୋପ | ବୋ ପ୍ରସିଦ୍ଧ | ୦୮ | ୦୮ |
| ଜୋ ରୁଟ୍ | ଅପରାଜିତ | ୫୩ | ୮୪ |
| ହ୍ୟାରୀ ବ୍ରୁକ୍ | କ୍ୟା ପନ୍ତ ବୋ ସାର୍ଦ୍ଦୁଲ | ୦୦ | ୦୧ |
| ବେନ ଷ୍ଟୋକ୍ସ | କ୍ୟା ଗିଲ୍ ବୋ ଜାଡେଜା | ୩୩ | ୫୧ |
| ଜେମି ସ୍ମିଥ୍ | ଅପରାଜିତ | ୪୪ | ୫୫ |
| ଅତିରିକ୍ତ | | ୨୧ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ଯଶପ୍ରୀତ ବୁମରା | ୧୯ | ୩ | ୫୭ | ୦ |
| ମହମ୍ମଦ ସିରାଜ | ୧୪ | ୧ | ୫୧ | ୦ |
| ରବୀନ୍ଦ୍ର ଜାଡେଜା | ୨୪ | ୧ | ୧୦୪ | ୧ |
| ପ୍ରସିଦ୍ଧ କ୍ରିଷ୍ଣା | ୧୫ | ୦ | ୯୨ | ୨ |
| ସାର୍ଦ୍ଦୁଲ ଠାକୁର | ୧୦ | ୧ | ୫୧ | ୧ |

- ଡକେଟ୍‌ଙ୍କ ବିରାଟ ଶତକ
- କ୍ରାଉଲିଙ୍କ ଅର୍ଦ୍ଧଶତକ ଓ ରୁଟ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ
- ଭାରତୀୟ ବ୍ୟାଟରଙ୍କ ଦମ୍‌ଦାର ଶତକ ସତ୍ତ୍ୱେ ପରାଜୟ ବରଣ କଲା

**ଲିଡ୍ସ, ୨୪।୬:** ହେଡିଙ୍ଗଲେ ଟେଷ୍ଟରେ ଇଂଲଣ୍ଡ ଭାରତକୁ ୫ ୱିକେଟରେ ହରାଇ ଦେଇଛି । ଏହା ସହିତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଆଗୁଆ ହୋଇଯାଇଛି ଇଂଲଣ୍ଡ । ଏହି ମ୍ୟାଚରେ ବିଜୟ ପାଇଁ ଇଂଲଣ୍ଡ ଆଗରେ ୩୭୧ ରନର ଲକ୍ଷ୍ୟ ରଖିଥିଲା ଭାରତ । ଏହି ଲକ୍ଷ୍ୟକୁ ଇଂଲଣ୍ଡ ୫ ୱିକେଟ ହରାଇ ହାସଲ କରିନେଇଥିଲା। ଇଂଲଣ୍ଡ ପକ୍ଷରୁ ବେନ ଡକେଟ୍ ୧୪୯ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ସେହିପରି ଜ୍ୟାକ୍ କ୍ରାଉଲି ୬୮ ରନ, ଜୋ ରୁଟ ୫୩ ରନ ଓ ଜେମି ସ୍ମିଥ ୪୩ ରନ କରିଥିଲେ । ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ୨ଟି ଲେଖାଏଁ ୱିକେଟ ନେଇଥିଲେ ।

ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମ ଇନିଂସରେ ଭାରତ ୪୭୧ ରନ କରିଥିବାବେଳେ ଇଂଲଣ୍ଡ ୪୬୫ ରନ କରିଥିଲା । ଦ୍ୱିତୀୟ ଇନିଂସରେ ଭାରତ ୩୬୪ ରନ କରିଥିଲା । ଏହି ଇନିଂସରେ ଭାରତ ପକ୍ଷରୁ କେଏଲ ରାହୁଲ ଓ ରଷଭ ପନ୍ତ ଶତକ ଅର୍ଜନ କରିଥିଲେ । କିନ୍ତୁ ପ୍ରଥମ ଇନିଂସ ପରି ଏହି ଇନିଂସରେ ବି ଭାରତର ଟେଲଏଣ୍ଡର୍ସ ମାନେ ବିଫଳ ହୋଇଥିଲେ । ଭାରତ ୩୬୪ରନରେ ଅଲଆଉଟ ହେବା ପରେ ଇଂଲଣ୍ଡ ଆଗରେ ୩୭୧ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ।

ପୂର୍ବରୁ ହେଡିଙ୍ଗଲେ ଟେଷ୍ଟର ୪ର୍ଥ ଦିନରେ ଭାରତୀୟ ଦଳ ନିଜର ୨ୟ ଇନିଂସରେ ୩୬୪ ରନରେ ଅଲଆଉଟ ହୋଇଯାଇଥିଲା ଓ ଇଂଲଣ୍ଡ ଆଗରେ ୩୭୧ ରନର ଲକ୍ଷ୍ୟ ରଖିଥିଲା । ୨ୟ ଇନିଂସରେ ଭାରତ ପକ୍ଷରୁ କେଏଲ ରାହୁଲ ଓ ରଷଭ ପନ୍ତ ଶତକ ଅର୍ଜନ କରିଥିଲେ । ପନ୍ତ ପ୍ରଥମ ଇନିଂସରେ ବି ଶତକ ଅର୍ଜନ କରିଥିଲେ । ସେହିପରି ସାଇ ସୁଦର୍ଶନ ୩୦ ଓ ରବୀନ୍ଦ୍ର ଜାଦେଜା ୨୫ ରନ କରିଥିଲେ । ପ୍ରଥମ ଇନିଂସରେ ଭାରତ ୪୭୧ ରନ କରିଥିବାବେଳେ ଇଂଲଣ୍ଡ ୪୬୫ ରନ କରିଥିଲା ।

ଦ୍ୱିତୀୟ ଇନିଂସରେ ଶତକ ହାସଲକାରୀ ଭାରତର ଦୁଇ ବ୍ୟାଟରଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ବେଶୀ ସମୟ କ୍ରିଜ୍‌ରେ ତିଷ୍ଠି ପାରିନଥିଲେ । ଓପନର ଜୟସ୍ୱାଲ ୪ ଓ ଡେବ୍ୟୁଟାଣ୍ଟ ସାଇ ସୁଦର୍ଶନ ୩୦ ରନ୍ କରିଥିଲେ । ଦୀର୍ଘବର୍ଷ ପରେ ଦଳକୁ ଫେରିଥିବା କରୁଣ ନାୟାର ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟ ବିଫଳ ହୋଇ ମାତ୍ର ୨୦ ରନ୍ କରିବାକୁ ସକ୍ଷମ ହୋଇଥିଲେ । ଜାଡେଜା ୨୫ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ।

### ୭୮ତମ ସିନିୟର ଜାତୀୟ ସନ୍ତରଣ

## ଦ୍ୱିତୀୟ ଦିବସରେ ୩ ଜାତୀୟ ରେକର୍ଡ

**ଭୁବନେଶ୍ୱର,୨୪।୬:** କଳିଙ୍ଗ ଷ୍ଟାଡ଼ିୟମ୍ ଆକ୍ୱାଟିକ୍ ସେଣ୍ଟରରେ ଚାଲିଥିବା ୭୮ତମ ସିନିୟର ଜାତୀୟ ସନ୍ତରଣ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ୩ଟି ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି । ମହିଳା ୨୦୦ ମିଟର ଫ୍ରୀଷ୍ଟାଇଲରେ ଧୀନିଧି ଦେସିଂହୁ, ପୁରୁଷ ୨୦୦ ମିଟର ମେଡଲେରେ ସୋହନ ଗାଙ୍ଗୁଲି ଏବଂ ମିକ୍ସଡ ୪ ଗୁଣା ୪୦୦ ମିଟରରେ କର୍ଣ୍ଣାଟକ ଦଳ ଏହି ରେକର୍ଡ କରିଥିଲେ ।



ପୁରୁଷ ୧୫୦୦ ମିଟରରେ ଦିଲ୍ଲୀର କୁସଙ୍ଗା ରାଓ୍ୱତ (୧୫:୩୨.୯୫) ସ୍ୱର୍ଣ୍ଣ, ଗୁଜରାଟର ଆର୍ଯ୍ୟନ ନେହରା (୧୫:୫୨.୯୭) ରୌପ୍ୟ ଏବଂ ମଧ୍ୟପ୍ରଦେଶରେ ଏ. ପେଜ (୧୬:୧.୫୪) ବ୍ରୋଞ୍ଜ ଜିତିଛନ୍ତି । ମହିଳା ୨୦୦ ମିଟର ଫ୍ରୀଷ୍ଟାଇଲରେ କର୍ଣ୍ଣାଟକର ଧୀନିଧି ୨:୦୨.୯୭ ସେକେଣ୍ଡ ସହ ନୂଆ ରେକର୍ଡ ପ୍ରତିଷ୍ଠା କରି ସ୍ୱର୍ଣ୍ଣ ଜିତିଥିଲେ । ତାଙ୍କ ନାମରେ ପୂର୍ବ ଜାତୀୟ ରେକର୍ଡ (୨:୦୪.୨୪) ରହିଥିଲା । ଦିଲ୍ଲୀର ଭବ୍ୟା ସଚଦେବ ରୌପ୍ୟ ଓ ମହାରାଷ୍ଟ୍ରର ଅଦିତି ହେଗଡେ ବ୍ରୋଞ୍ଜ ଜିତିଥିଲେ । ପୁରୁଷ ୨୦୦ ମିଟର ମେଡଲେରେ କର୍ଣ୍ଣାଟକର ସୋହନ (୨:୪.୩୪) ସ୍ୱର୍ଣ୍ଣ, ଏସ୍‌ଏସସିବିର ବିନାୟକ ବିଜୟ ଶଙ୍କର ରୌପ୍ୟ ଓ କର୍ଣ୍ଣାଟକର ଶିବ ଶ୍ରୀଧର ବ୍ରୋଞ୍ଜ ପାଇଥିଲେ । ମହିଳା ୨୦୦ ମିଟର ମେଡଲେ ମହାରାଷ୍ଟ୍ରର ସାନଭି ଦେଶଓ୍ୱାଲ ସ୍ୱର୍ଣ୍ଣ, ତାମିଲନାଡୁ ଶ୍ରୀନିଥି ନାଟେସାନ ରୌପ୍ୟ ଏବଂ କର୍ଣ୍ଣାଟକର ତନ୍ୟା ବ୍ରୋଞ୍ଜ ପଦକ ଲାଭ କରିଛନ୍ତି । ମିକ୍ସଡ ୪ ଗୁଣା ୧୦୦ ମିଟର ଫ୍ରୀଷ୍ଟାଇଲରେ କର୍ଣ୍ଣାଟକ ଦଳ (୩:୪୧.୧୮) ସ୍ୱର୍ଣ୍ଣ, ତାମିଲନାଡୁ ରୌପ୍ୟ ଓ ଆରଏସ୍‌ପିବି ବ୍ରୋଞ୍ଜ ପଦକ ଜିତିଛି । ପୁରୁଷ ୫୦ ମିଟର ଫ୍ରୀଷ୍ଟାଇଲରେ ତାମିଲନାଡୁର ଯଶୁଆ ଥୋମାସ, ମହାରାଷ୍ଟ୍ରର ହୀର ଗିତେଶ ଶାହା ଓ କର୍ଣ୍ଣାଟକର ଆକାଶ ମଣି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ବିଜେତା ହୋଇଛନ୍ତି ।


## ପରଲୋକରେ 'ସ୍ପିନ୍ ପଞ୍ଚ' ଦିଲ୍ଲୀପ ଦୋଷୀ

### ଇଂଲଣ୍ଡରେ ପୂର୍ବତନ ଭାରତୀୟ ସ୍ପିନରଙ୍କ ଶେଷ ନିଶ୍ୱାସ ତ୍ୟାଗ

**ନୂଆଦିଲ୍ଲୀ,୨୪।୬:** ପୂର୍ବତନ ଭାରତୀୟ କ୍ରିକେଟର ଦିଲୀପ ଦୋଷୀଙ୍କ ଦେହାନ୍ତ ହୋଇଛି। ଦିଲୀପ ଦୋଷୀ ୨୩ ଜୁନ୍ ସୋମବାର ଦିନ ଲଣ୍ଡନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ବହୁ ଦଶନ୍ଧି ଧରି

**୩୩ ଟେଷ୍ଟ ଏବଂ ୧୫ ଦିନିକିଆ ଖେଳିଥିଲେ**

ଲଣ୍ଡନରେ ରହୁଥିଲେ। ଦିଲୀପ ଦୋଷୀଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ସେ ୩୨ ବର୍ଷ ବୟସରେ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିଥିଲେ ଏବଂ ମାତ୍ର ଚାରି ବର୍ଷର କ୍ୟାରିଅରରେ ଦିଲୀପ ଦୋଷୀ ୧୦୦ ରୁ ଅଧିକ ୱିକେଟ୍ ନେଇଥିଲେ। ସେ ହଠାତ୍ ଏବଂ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବରେ କ୍ରିକେଟରୁ ଅବସର ନେଇଥିଲେ। ଦିଲୀପ ଦୋଷୀ ତାଙ୍କ କ୍ରିକେଟ କ୍ୟାରିଅର ଉପରେ ଏକ ଆତ୍ମଜୀବନୀ ମଧ୍ୟ ଲେଖିଛନ୍ତି, ଯାହାର ନାମ 'ସ୍ପିନ୍ ପଞ୍ଚ।'



ଦିଲୀପ ଦୋଷୀ ଭାରତର ଜଣେ ବାମହାତୀ ସ୍ପିନ୍ ବୋଲର ଥିଲେ। ସେ ୧୯୭୯ ରୁ ୧୯୮୩ ମଧ୍ୟରେ ଭାରତର ଅନ୍ତର୍ଜାତୀୟ ଦଳର ଅଂଶ ଥିଲେ। ସେ ୩୨ ବର୍ଷ ବୟସରେ ତାଙ୍କର ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ କ୍ୟାରିୟରରେ ଭାରତ ପାଇଁ ୩୩ ଟେଷ୍ଟ ଏବଂ ୧୫ ଦିନିକିଆ ଖେଳିଥିଲେ। ଦିଲୀପ ଦୋଷୀ ୩୩ ମ୍ୟାଚ୍‌ରେ ୧୧୪ ଟି ୱିକେଟ୍ ନେଇଥିଲେ। ସେ ଛଅ ଥର ପାଞ୍ଚଟି ଲେଖାଏଁ ୱିକେଟ୍ ନେବାର ରେକର୍ଡ ମଧ୍ୟ କରିଛନ୍ତି।

ଦିଲୀପ ଦୋଷୀ ତାଙ୍କ କ୍ୟାରିୟରରେ ୧୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ, ଯେଉଁଥିରେ ସେ ୩.୯୬ ଇକୋନୋମି ସହିତ ବୋଲିଂ କରିଥିଲେ ଏବଂ ମୋଟ ୨୨ଟି ୱିକେଟ ନେଇଥିଲେ। ଏହା ବ୍ୟତୀତ ଦିଲୀପ ଦୋଷୀ ଫାର୍ଷ୍ଟ କ୍ଲାସ୍ କ୍ରିକେଟ ମଧ୍ୟ ଖେଳିଛନ୍ତି। ସେ ସୌରାଷ୍ଟ୍ର, ବେଙ୍ଗଲ, ୱର୍କଶାୟାର ଏବଂ ନଟିଂହାମଶାୟାର ପାଇଁ ଫାର୍ଷ୍ଟ କ୍ଲାସ କ୍ରିକେଟ ମଧ୍ୟ ଖେଳିଛନ୍ତି। ଦିଲୀପ ଦୋଷୀଙ୍କ ପରିବାରରେ ତାଙ୍କ ପତ୍ନୀ କାଳିନ୍ଦୀ, ପୁଅ ନୟନ ଏବଂ ଝିଅ ବିଶାଖା ଅଛନ୍ତି। ଦିଲୀପ ଦୋଷୀଙ୍କ ପୁଅ ନୟନ ମଧ୍ୟ ସୌରାଷ୍ଟ୍ର ଏବଂ ସୁରେ ପାଇଁ ଫାର୍ଷ୍ଟ କ୍ଲାସ କ୍ରିକେଟ୍ ଖେଳିଛନ୍ତି। ଦିଲୀପ ଦୋଷୀ ତାଙ୍କ ପରିବାର ସହିତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଲଣ୍ଡନରେ ରହୁଥିଲେ।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

**ବାରିପଦା, ୨୪।୬:** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ଥାନୀୟ ଜୁବୁଲି ପେଟ୍ରୋଲ ପମ୍ପ ନିକଟସ୍ଥ ପଡିଆରେ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ଭଲିବଲ ଏସୋସିଏସନର ଉପ ସଭାପତି ମନୋରଞ୍ଜନଜୀଉ ଏହି ଟୁର୍ଣ୍ଣଓମେଣ୍ଟକୁ ଉଦଘାଟନ କରିଥିଲେ । ମୋଟ ୯ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ଗୁହାଲଡ଼ିହି ଦଳ ଡିପାସାହିକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା । ରେଫେରି ଭାବେ ଚିନ୍ମୟ ମିଶ୍ର, ଦୀପକ ବେହେରା, ଇନ୍ଦ୍ରଜିତ ଶତପଥି, ଯାମିନୀକାନ୍ତ ପାଣି ଖେଳ ପରିଚାଳନା କରିଥିବା ବେଳେ ସତ୍ୟଜିତ ଷଡ଼ଙ୍ଗୀ, ସପନ ରଣା ଓ ପ୍ରସନ୍ନ ମହାପାତ୍ର



ସ୍କୋରିଂରେ ସହାୟତା କରିଥିଲେ ଓ ଚମ୍ପିୟାନ ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଆପ ଦଳକୁ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଭଲିବଲ ସମ୍ପାଦକ ପାର୍ଥସାରଥି ସ୍ୱାଇଁ ପୁରସ୍କାର ବିତରଣ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଭାନୁ ପ୍ରତାପ ଭଞ୍ଜଦେଓ, ବସନ୍ତ ମିଶ୍ର, ମଙ୍ଗଳ ମାଝୀ ଉପସ୍ଥିତ ଥିଲେ ଓ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଜାତୀୟ ଭଲିବଲ ଖେଳାଳି ମୁକ୍ତେଶ୍ୱର ଜୀଉ ଖେଳିବା ସହ ନିୟମିତ ଯୋଗ କରିବାକୁ ଉପସ୍ଥିତ ସମସ୍ତଙ୍କୁ ଉପଦେଶ ଦେଇଥିଲେ ।

DSPL142 OIPR 10003/13/0213/2526

ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

MBA/25-26/0161

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar